# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଅକ୍ଟୋବର ୩୧/୨୦୧୮ (୨୦ ପୃଷ୍ଠା+ ସାହିତ୍ୟାୟନ) | Balasore, Wednesday, October 31/ 2018 | ★★★★

୪୪ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




सत्यमेव जयते
GOVERNMENT OF INDIA

STATUE OF UNITY
एक भारत, श्रेष्ठ भारत.

# ଏକତା ପ୍ରତିମୂର୍ତ୍ତି

## ଉଦ୍‌ଘାଟନ ସମାରୋହ ପାଳନ କରୁଛି ଭାରତ

## ବିଶ୍ୱର ସର୍ବୋଚ୍ଚ
## 182 ମିଟରର ପ୍ରତିମୂର୍ତ୍ତି

**ସର୍ଦ୍ଦାର ପଟେଲଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ପରି ଏହା ବିଶାଳ ପ୍ରତିମୂର୍ତ୍ତି**

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସର୍ଦ୍ଦାର ପଟେଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ କୃଷକଙ୍କ କଲ୍ୟାଣ ପାଇଁ ସମର୍ପିତ ଥିଲେ। ସ୍ୱାଧୀନ ଭାରତର ନିର୍ମାତା ଭାବେ ପରିଚିତ ସର୍ଦ୍ଦାର ଏକ ସଂଗଠିତ ଭାରତ ଗଠନ ଲାଗି 550 ରୁ ଉର୍ଦ୍ଧ୍ୱ ଗଡ଼ଜାତ ରାଜ୍ୟକୁ ଏକତ୍ରିତ କରିଥିଲେ।

ଆଜି ଏକ କୃତଜ୍ଞ ରାଷ୍ଟ୍ର ସେହି ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

**ଏକତାର ପ୍ରତିମୂର୍ତ୍ତି:**
**ଭାରତକୁ ଏକତ୍ରିତ କରିଥିବା ସର୍ଦ୍ଦାର ପଟେଲଙ୍କୁ ଏକ ଶ୍ରଦ୍ଧାଞ୍ଜଳି**



| ସ୍ପ୍ରିଙ୍ଗ ଟେମ୍ପଲ ବୁଦ୍ଧ | ଲେକ୍ୟୁନ ସେତ୍‌କ୍ୟାର | ଉସିକୁ ଦାଇବୁତ୍‌ସୁ | ଷ୍ଟାଚ୍ୟୁ ଅଫ୍ ଲିବର୍ଟି | ଦି ଗ୍ରେଟ୍ ବୁଦ୍ଧ | ଦି ମଦରଲାଣ୍ଡ କଲ୍ସ |
|---|---|---|---|---|---|
| ଚୀନ | ମିଆଁମାର | ଜାପାନ | ଆମେରିକା | ଥାଇଲାଣ୍ଡ | ରୁଷିଆ |
| 153 ମିଟର | 116 ମିଟର | 110 ମିଟର | 97 ମିଟର | 91 ମିଟର | 87 ମିଟର |

## ରାଷ୍ଟ୍ରକୁ ଲୋକାର୍ପଣ କରିବେ
## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

ତାରିଖ: ଅକ୍ଟୋବର 31, 2018
ସମୟ: ପୂର୍ବାହ୍ନ 10 ପରେ
ସ୍ଥାନ: ସର୍ଦ୍ଦାର ସରୋବର ଡ୍ୟାମ୍,
କେଭଡିୟା ଗ୍ରାମ,
ନର୍ମଦା ଜିଲ୍ଲା, ଗୁଜରାଟ



DAVP 22201/13/0015/1819

## ପ୍ରମୁଖ ଆକର୍ଷଣ

- ସର୍ଦ୍ଦାର ପଟେଲଙ୍କ ଜୀବନୀ ସମ୍ପର୍କିତ ସଂଗ୍ରହାଳୟ
- ଭାରତ ଭବନ ପ୍ରଦର୍ଶନୀ ଗୃହ
- 3D ପ୍ରୋଜେକ୍ସନ ମ୍ୟାପିଙ୍ଗ
- 153 ମିଟର ଉଚ୍ଚରୁ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ ପର୍ଯ୍ୟଟକ
- 250 ତମ୍ବୁ ସ୍ଥାପିତ ହୋଇଥିବା ସହର
- ଜନଜାତି ସଂଗ୍ରହାଳୟ, ହସ୍ତଶିଳ୍ପ ବଜାର
- ପୁଷ୍ପ ଉପତ୍ୟକା
- ରାଜ୍ୟମାନଙ୍କ ପାଇଁ ରହିବ ନିଜସ୍ୱ ଅତିଥି ଭବନ

/sou.official, /souindia, /+StatueofUnity, www.statueofunity.in

**ଆମର ବିଶାଳ ଓ ତୁଙ୍ଗ ନେତୃତ୍ୱ ହେଉଛନ୍ତି ଲୌହମାନବ ସର୍ଦ୍ଦାର !**



ନୀଳଗିରି ଅଞ୍ଚଳକୁ ପ୍ରବେଶ କରିଥିବା ଝାଡ଼ଖଣ୍ଡ ହାତୀପଲ।

# ନୀଳଗିରିକୁ ପଶିଲେ ୩୫ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀ

- ଆଗରେ ବାଟ କଢ଼ାଉଛି ଦନ୍ତା, ଦଳରେ ୪ ଛୁଆ ହାତୀ
- ଚଲାପଥରେ ଉଜାଡ଼ିଲେ ବ୍ୟାପକ ଧାନ ଫସଲ
- ବନାଞ୍ଚଳବାସୀ ଆତଙ୍କିତ

**ସଜନାଗଡ଼/ନୀଳଗିରି, ୩୦।୧୦(ଡି.ଏନ.ଏ.)**

ଝାଡଖଣ୍ଡ ଜଙ୍ଗଲରୁ ଚାଲି ଆସିଥିବା ୩୫ରୁ ଊର୍ଦ୍ଧ୍ୱ ହାତୀ ମଙ୍ଗଳବାର ଭୋର ସମୟରେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ପ୍ରବେଶ କରି ଆତଙ୍କ ଖେଳାଇଛନ୍ତି। ଆଗରେ ଦନ୍ତାହାତୀ ଏହି ପଲକୁ ବାଟ କଢ଼ାଇ ଆଣୁଛନ୍ତି। ଦଳରେ ୪ଟି ଛୁଆହାତୀ ରହିଛନ୍ତି। ସେମାନେ ଆସିବା ବାଟରେ ଧାନ ଫସଲର ବ୍ୟାପକ କ୍ଷତି ଘଟାଇଛନ୍ତି। ସେମାନେ ଝାଡଖଣ୍ଡର ଦଲମା ଜଙ୍ଗଲରୁ ବାହାରି ମୟୂରଭଞ୍ଜ ଜିଲା ଦେଇ ଚଲାପଥରେ ନୀଳଗିରି ବନାଞ୍ଚଳକୁ ଆସିବା ବାଟରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ସୂଚନା ମିଳିଛି। ମାସେ ଆଗରୁ କେତେକ ହାତୀପଲ ନୀଳଗିରି ବନାଞ୍ଚଳକୁ ଆସି ଏଠାରୁ ଫେରି ଯାଇଥିଲେ। ଏବେ ନୀଳଗିରି ବନାଞ୍ଚଳକୁ ପଶିଥିବା ହାତୀପଲଙ୍କ ସୁରକ୍ଷା ଲାଗି ଚଲାପଥ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦିଆଯାଇଛି। ଏହା ବନାଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ଚାଷ ଜମିରେ ହାତୀପଲ ପଶି ଦଳିଚକଟି ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି।

ଦଲମା ଜଙ୍ଗଲରୁ ଦଳବଦ୍ଧ ହୋଇ ଚାଲିଆସିଥିବା ହାତୀପଲ ସୋମବାର ମୟୂରଭଞ୍ଜର ନଡ଼ପୁର ଦେଇ ବାଲେଶ୍ୱରର ନୀଳଗିରି ରେଞ୍ଜକୁ ପଶିଥିଲେ। ସେମାନେ ଏହି ରେଞ୍ଜ ଅଧୀନ ପୁନ୍ଦାଳ, କାଠପାଳ, ଦୁର୍ଗାଦେବୀ, ପାଟଣା, ଅଯୋଧ୍ୟା ରାସ୍ତା ଦେଇ ମଙ୍ଗଳବାର ଗୋପାଳପୁର ସଂରକ୍ଷିତ ଜଙ୍ଗଲକୁ ପଶିଥିବା ସୂଚନା ମିଳିଛି। ଗୋପାଳପୁର ଜଙ୍ଗଲକୁ ଲାଗିଥିବା ଚାଷଜମିରେ ମଙ୍ଗଳବାର କେତେକ ହାତୀ ପଶି ଧାନ ଖାଉଥିବା ଦେଖିବାକୁ ମିଳିଥିଲା। ଏହି ହାତୀପଲ ଏବେ ତିନିକୋଶିଆ ଜଙ୍ଗଲକୁ ମୁହାଁଉଥିବା ଜଣାପଡିଛି। ଏ ନେଇ ଗୋପାଳପୁର ଏବଂ ତିନିକୋଶିଆ ଜଙ୍ଗଲକୁ ଲାଗିଥିବା ଭଉଁରିଆବାଡ଼, ଜାମୁଡ଼ିହା, ନରଣପୁର, ସଜନାଗଡ଼, ତେଲିପାଳ ଆଦି ପଞ୍ଚାୟତର ବାସିନ୍ଦା ଅଧିକ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ହାତୀପଲ ଆସୁଥିବା ସୂଚନା ପାଇ ନୀଳଗିରି ବନବିଭାଗ ସେମାନଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖି ଜନବସତି ପାଖରୁ ସେମାନଙ୍କୁ ଘଉଡ଼ାଇବା ଉଦ୍ୟମ ଆରମ୍ଭ କରିଛି। ସୋମବାରଠାରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ବନାଞ୍ଚଳ ମଧ୍ୟରେ ଥିବା ଗ୍ରାମରେ ଘରେ ମହୁଲ, ହାଣ୍ଡିଆ ନ ରଖିବା ପାଇଁ ଲୋକଙ୍କୁ କୁହାଯାଉଛି। ଏପରିକି ଘରେ ଥିବା ଧାନ ଓ ଚାଉଳକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯିବା ସହ ସାଧାରଣ ଜନତାଙ୍କୁ ହାତୀପଲକୁ ବିଶୃଙ୍ଖଳିତ ନ କରିବା ସକାଶେ ତାଗିଦ୍ କରାଯାଇଛି। ଡିଏଫ୍ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କୁଲଡ଼ିହା ରେଞ୍ଜର ଲକ୍ଷ୍ମଣ ପ୍ରଧାନ, ନୀଳଗିରି ରେଞ୍ଜର ସୁକୁମାର ଦାସଙ୍କ ନେତୃତ୍ୱରେ ୮ରୁ ଊର୍ଦ୍ଧ୍ୱ ଫରେଷ୍ଟର, ଫରେଷ୍ଟର ଗାର୍ଡ଼, ସବୁଜବାହିନୀ ଏହି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଅନ୍ୟବର୍ଷ ତୁଳନାରେ ଚଳିତବର୍ଷ ଝାଡଖଣ୍ଡ ହାତୀପଲ ୧ମାସ ଆଗରୁ ଚାଲିଆସିଥିବା କୁହାଯାଉଛି।

ଉଲ୍ଲେଖନୀୟ ଯେ, ଗତ ୨୦୧୦ ମସିହାରୁ ନିୟମିତ ଭାବେ ୮ବର୍ଷ ଧରି ଝାଡଖଣ୍ଡ ହାତୀପଲ ନୀଳଗିରି ବନାଞ୍ଚଳକୁ ବିଭିନ୍ନ ସମୟରେ ଚାଲି ଆସୁଛନ୍ତି। ସେମାନେ ଜନବସତି ଅଞ୍ଚଳକୁ ଯେଉଁଭଳି ପଶି ନ ପାରିବେ ସେଥିଲାଗି ପୂର୍ବରୁ କେତେକ ସ୍ଥାନରେ ସୌରବାଡ଼ ବ୍ୟବସ୍ଥା କରାଯାଇଥିଲା। ଏବେ ସେସବୁ ଧ୍ୱସ୍ତବିଧ୍ୱସ୍ତ ଅବସ୍ଥାରେ ରହିଛି। ସେହିପରି ବିଭିନ୍ନ ସ୍ଥାନରେ ଖୋଳାଯାଇଥିବା ଟ୍ରେଞ୍ଚ ପୋତି ପଡିଥିଲେ ବି ପୁନରୁଦ୍ଧାର କରାଯାଇନାହିଁ। ଫଳସ୍ୱରୂପ ହାତୀପଲ ଜନବସତି ମୁହାଁ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତରବରିଆ ଭାବେ ମଙ୍ଗଳବାର ବନବିଭାଗ ପକ୍ଷରୁ ସୌରବାଡ଼ଗୁଡ଼ିକୁ ସଜାଡ଼ିବା ସହ କେତେକ ସ୍ଥାନରେ ଟ୍ରେଞ୍ଚ ଖୋଳା ଯାଉଥିବା ଦେଖିବାକୁ ମିଳିଛି। ହାତୀ ଉପଦ୍ରବଜନିତ କ୍ଷତି ରୋକିବା ଲାଗି ପ୍ରତିବର୍ଷ ପ୍ରସ୍ତୁତି ବୈଠକ ବସୁଥିବା ବେଳେ ଚଳିତବର୍ଷ ଏହା ବସି ନ ଥିବା ବନବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ହାତୀ ଆସିବା ବେଳେ ଲୋକଙ୍କୁ କିରୋସିନ, ଜରୁରୀକାଳୀନ ଭିତ୍ତିରେ ସ୍ଥାନାନ୍ତର ବ୍ୟବସ୍ଥା ସମେତ ଅନ୍ୟ ସୁବିଧା ସୁଯୋଗ ଯୋଗାଇବା ଲାଗି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଲୋକେ କହିଛନ୍ତି। ବର୍ତ୍ତମାନ ବିଲରେ ଧାନ ଅଧାଅଧି ପାଚିଥିବା ବେଳେ ହାତୀପଲ ଏହାକୁ ନଷ୍ଟ କରିଦେଉଥିବାରୁ ଲଘୁଚାପ ଜନିତ ଅଦିନିଆ ବର୍ଷା ପରେ ଏହା ଚାଷୀଙ୍କ ପାଇଁ ବୋଝ ଉପରେ ନଳିତ ବିଡ଼ା ସଦୃଶ ହୋଇପଡ଼ିଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅନ୍ତଃସତ୍ତ୍ୱା କରି ଯୁବକ ଗିରଫ

**ନୀଳଗିରି, ୩୦।୧୦(ଡି.ଏନ.ଏ.):** ନୀଳଗିରି ଥାନା ଅଞ୍ଚଳରେ ଏକ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅନ୍ତଃସତ୍ତ୍ୱା କରିବା ପରେ ପ୍ରତାରଣା କରିବା ଅଭିଯୋଗ ପୋଲିସ ସରୋଜ ଗୋଛାୟତ ନାମକ ଯୁବକଙ୍କୁ ଗିରଫ କରିଛି। ଏନେଇ ସୋମବାର ଥାନାରେ ନାବାଳିକାଙ୍କ ମାମୁ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୨୪୮/୧୮) ରୁଜୁ ହୋଇଥିଲା। ଏ ଦିଗରେ ଅଧିକ ତଦନ୍ତ ଜାରି ରହିଥିବାର ଥାନା ଅଧିକାରୀ ନଳିତା ମୋଦି କହିଛନ୍ତି।

### ସରପଞ୍ଚ ନିଲମ୍ବିତ



**ବାଲେଶ୍ୱର ଅଫିସ, ୩୦।୧୦:** ବାଲେଶ୍ୱର ସଦର ବ୍ଲକ ରସାଳପୁର ପଞ୍ଚାୟତର ସରପଞ୍ଚ ଜୟନ୍ତୀ ଦାସଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଓ ପଞ୍ଚାୟତ ଆଇନ ଉଲ୍ଲଂଘନ ଅଭିଯୋଗ କରାଯାଇଥିଲା। ଏହାକୁ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ସୁପାରିଶକ୍ରମେ ଜିଲା ପଞ୍ଚାୟତ ଅଧିକାରୀ ତଦନ୍ତ କରି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଆଦେଶ ନଂ. ୨୦୫୮୫ ତା୩୦।୧୦।୨୦୧୮ରିଖ ଦାସଙ୍କୁ ନିଲମ୍ବିତ କରାଯାଇଛି।

### ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ



**ବସ୍ତା, ୩୦।୧୦(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଛାନୁଆ ପଞ୍ଚାୟତ ସୁଲପଟା ଗ୍ରାମରେ ଆଇନଜୀବୀ ଜ୍ୟୋତ୍ସ୍ନା ମହାନ୍ତି ଓ ସମାଜସେବୀ ସୁକାନ୍ତି ଭକ୍ତାଙ୍କ ନେତୃତ୍ୱରେ ମହିଳାମାନେ ମଦକୁ ବିରୋଧ କରି ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଗାଁ ଗାଁ ଓ ସାହି, ସାହିରେ ମଦ ବିକ୍ରି ବନ୍ଦ କରି ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଙ୍କ ଗ୍ରାମସ୍ୱରାଜ ସ୍ୱପ୍ନକୁ ସାକାର କରିବା ପାଇଁ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ସରକାର ରାଜ୍ୟରେ ମଦ ବିକ୍ରି ବନ୍ଦ କରିବା ସହ ଲୋକମାନଙ୍କୁ ଶାନ୍ତିରେ ବଞ୍ଚିବାକୁ ଦିଅ ବୋଲି ସ୍ଲୋଗାନ ଦେଇ ମହିଳାମାନେ ସଚେତନତା ରାଲି ବାହାରିଥିଲେ। ରୀତାଞ୍ଜଳି ବେହେରା, ସତ୍ୟଭାମା ରାଉତ, ରୁକ୍ମଣି ତରାଇ, ଲକ୍ଷ୍ମୀ ମଙ୍ଗଳ, ଅହଲ୍ୟା ମାଝି, ଗୁରୁବାଳା ବେହେରା, ମନାଲିସା ବେହେରା, ଇନ୍ଦ୍ରମଣି ମାଝି, ସାବିତ୍ରି ବେହେରା, ଅଶାନ୍ତି ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



**ବାଲେଶ୍ୱର ଅଫିସ, ୩୦।୧୦:** ବାଲେଶ୍ୱର ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ମଙ୍ଗଳବାର ଅଚାନକ ସଦର ବ୍ଲକରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ଉନ୍ନୟନ ଏବଂ ସରକାରୀ ଯୋଜନା ବିଜୁ ପକ୍କା ଘର, ଗୋପବନ୍ଧୁ ଗ୍ରାମୀଣ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଧାୟକ ଉନ୍ନୟନ ପାଣ୍ଠି, ମଧୁବାବୁ ପେନସନ ଯୋଜନା, ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ସମୀକ୍ଷା କରିଥିଲେ। ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ବିଡ଼ିଓ ଶଙ୍କର୍ଷଣ ବେହେରା, ଏମ୍‌ପିଙ୍କ ସଦର ବ୍ଲକ ପ୍ରତିନିଧି ବରୋଦା ପ୍ରସନ୍ନ ପଟ୍ଟନାୟକ, ବିଧାୟକଙ୍କ ସଦର ବ୍ଲକ ପ୍ରତିନିଧି ଶକ୍ତିପଦ ରାୟ, ବିଧାୟକଙ୍କ ମିଡ଼ିଆ ପ୍ରଭାରୀ ଧିରେନ ନାୟକ ଏବଂ ସଦର ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୫୫୯ ପଞ୍ଜୀକୃତ

**ନୀଳଗିରି, ୩୦।୧୦ (ଡି.ଏନ.ଏ.)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଆନୁକୂଲ୍ୟରେ ମଙ୍ଗଳବାର ନୀଳଗିରି ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫୯ଜଣ ହିତାଧିକାରୀ ପଞ୍ଜୀକୃତ କରିଥିଲେ। ପୂର୍ବ ଓ ନୂତନ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କର କମ୍ପ୍ୟୁଟରୀକରଣ କରାଯାଇ ସେମାନଙ୍କ ପ୍ରମାଣପତ୍ର ପଞ୍ଚାୟତ କାର୍ଯ୍ୟାଳୟରୁ ପାଇପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବାହ୍ନରେ ଭେଷଜ, ଅସ୍ଥିଶଲ୍ୟ, ଚକ୍ଷୁ, କର୍ଣ୍ଣ–ନାସା–ଗଳା ଓ ମାନସିକ ଅନଗ୍ରସର ଆଦି ବିଭାଗର ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ପରୀକ୍ଷା ନିରୀକ୍ଷା କରିଥିଲେ। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା ଓ ସ୍ଥାନୀୟ ବିଡିଓ ରାମ ଦାସ ଟୁଡୁଙ୍କ ମିଳିତ ତତ୍ତ୍ୱାବଧାନରେ ଭେଷଜ ବିଭାଗର ଡା. ଅମୂଲ୍ୟ ଦାସ, ମାନସିକ ଅନଗ୍ରସର ଡା. ବାରତି ଦାସ, ଅସ୍ଥିଶଲ୍ୟ ଡା. ପି.ସି ମାଝି, ଚକ୍ଷୁ ଡା. ଏମ.ଏସ ରହମନ, କର୍ଣ୍ଣ ନାସା ଗଳା ଡା. ଏସ୍ ଆଚାର୍ଯ୍ୟ ଓ ଜୟପ୍ରକାଶ ପତି ଉପସ୍ଥିତ ଥିଲେ। ଏହି ଅବସରରେ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏ.କେ. ମହାପାତ୍ର, କାର୍ଯ୍ୟକ୍ରମ ସହାୟିକା ସୁଚିସ୍ମିତା ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଞ୍ଜନ କୁମାର ଦାସଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ମହିଳାମାନେ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇ ଧାରଣାରେ ବସିଛନ୍ତି।

## ଅନିୟମିତତା ଅଭିଯୋଗରେ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା

**ସଜନାଗଡ଼, ୩୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତରେ ଥିବା ଓଡ଼ିଆସାହି ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମୀଙ୍କ ବିରୋଧରେ ବିଭିନ୍ନ ପ୍ରକାର ଅନିୟମିତତା ନେଇ ଗ୍ରାମର କେତେକ ମହିଳା କେନ୍ଦ୍ରରେ ତାଲା ପକାଇବା ସହ ପ୍ଲାକାର୍ଡ଼ ଧରି ଧାରଣାରେ ବସିଥିଲେ। ନୀଳଗିରି ସିଡ଼ିପିଓ କାଞ୍ଚନ ରାମ ଘଟଣାସ୍ଥଳରେ ପହଞ୍ଚି ମାତୃ କମିଟିର ଗଠନ ସହିତ ନିୟମିତ ଭାବେ ଅଣ୍ଡା ପ୍ରଦାନ, ଖାଦ୍ୟର ତାଲିକା ପ୍ରତି ଖୁବ୍‌ଶୀଘ୍ର ନଜର ଦେବାର ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ।

ଉକ୍ତ କେନ୍ଦ୍ରରେ ଗର୍ଭବତୀ, ପ୍ରସୂତି, ୭ମାସରୁ ୩ବର୍ଷର ପିଲା ଏବଂ ୩ରୁ ୬ବର୍ଷର ପିଲାଙ୍କର ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ମିଳୁଥିବା ଖାଦ୍ୟ ଯଥା ଅଣ୍ଡା, ଛତୁଆ ଗୁଣ୍ଡ ଠିକ୍ ସମୟରେ ଦିଆଯାଉନାହିଁ। ଛୋଟଛୋଟ ପିଲାଙ୍କୁ ଅପରିଷ୍କାର ଥାଳିରେ ଖାଦ୍ୟ ଦିଆଯାଉଛି। ଅଭିଭାବକମାନେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏନେଇ ଅଭିଭାବକମାନେ ନୀଳଗିରି ସିଡ଼ିପିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହାର କୌଣସି ପ୍ରତିକାର ନ ହେବାରୁ ମଙ୍ଗଳବାର ଗ୍ରାମର କେତେକ ମହିଳା ସେମାନଙ୍କ ଛୋଟ ପିଲାଙ୍କୁ ଧରି ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇ ଧାରଣାରେ ବସିଥିଲେ।

## ନିଶା ଦେଇ ଟ୍ରେନ୍‌ରୁ ୨୨ହଜାର ଲୁଟ୍

**ସୋର, ୩୦।୧୦(ଡି.ଏନ.ଏ.)**

ହାୱଡା–ପୁରୀ ଏକ୍ସପ୍ରେସ ଟ୍ରେନ୍‌ରେ ଜଣେ ବ୍ୟକ୍ତି ଆସୁଥିବା ବେଳେ ଲୁଟେରାମାନେ ନିଶା ଦେଇ ୨୨ହଜାର ଟଙ୍କା, ମୋବାଇଲ, କାଗଜପତ୍ର ଓ ବ୍ୟାଗ୍ ଆଦି ଲୁଟି ନେଇଛନ୍ତି। ଅନନ୍ତପୁର ଚୁଡ଼ିବାଟି ଗ୍ରାମର ରତ୍ନାକର ବିଶ୍ୱାଳ ହାୱଡ଼ା ଖଦିରପୁରରେ କାମ କରନ୍ତି। ସେ ମଙ୍ଗଳବାର ଟ୍ରେନ୍‌ରେ ଆସୁଥିବା ବେଳେ ତାଙ୍କୁ ନିଶା ଦେଇ ଲୁଟି ନେଇଛନ୍ତି। ଅନ୍ୟ ଯାତ୍ରୀମାନେ ସୋର ଷ୍ଟେଶନ୍‌ରେ ତାଙ୍କୁ ଓହ୍ଲାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ସହାୟତା ଅପେକ୍ଷାରେ ଶିଶୁକନ୍ୟା ଶୁଚିସ୍ମିତା

**ସିମୁଳିଆ, ୩୦।୧୦(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଈଶ୍ୱରପୁର ପଞ୍ଚାୟତ ଅଧୀନ କଳାଶୁଣୀ ଅଞ୍ଚଳର ଉର୍ମିଳା ଓ ନରହରି ପଣ୍ଡା ଅର୍ଥାଭାବରୁ ୮ମାସର ଶିଶୁକନ୍ୟା ଶୁଚିସ୍ମିତାଙ୍କୁ ଚିକିତ୍ସା କରାଇ ନ ପାରି ହତାଶ ହୋଇପଡିଛନ୍ତି। ଜନ୍ମ ପରେ ଶୁଚିସ୍ମିତାଙ୍କ ପିଠିରେ ଥିବା ଏକ ଆବୁ ବଢ଼ି ଚାଲିଛି। ସବୁବେଳେ ସେ କଡ ପାରି ଶୋଇ ରହୁଥିବାରୁ ମୁଣ୍ଡର ଆକୃତି ଲମ୍ବା ହେବାରେ ଲାଗିଛି। ବର୍ତ୍ତମାନ ଶିଶୁକନ୍ୟାଙ୍କ ଆବୁରୁ ପାଣି ଗଡୁଥିବା ଏବଂ ସେ ଅହରହ କାନ୍ଦୁଥିବାରୁ ପରିବାର ଲୋକେ ଅଥୟ ହୋଇପଡିଛନ୍ତି। ଏହା ମଧ୍ୟରେ ଦୁଇଗୋଡ଼ ଅଚଳ ହୋଇପଡିଲାଣି। ମଳତ୍ୟାଗ ଓ ପରିସ୍ରା କରିବାରେ ଶିଶୁକନ୍ୟାଙ୍କର ସମସ୍ୟା ରହିଛି।



ମା’ ଉର୍ମିଳାଙ୍କ କୋଳରେ ଶୁଚିସ୍ମିତା।

ଶୁଚିସ୍ମିତାଙ୍କ ବାପା ନରହରି କହିଛନ୍ତି, ସମ୍ବଳ ଅଭାବରୁ ଝିଅକୁ ଉଚିତ୍ ଚିକିତ୍ସା କରିବାକୁ ସେ ସମର୍ଥ ହୋଇ ପାରିନାହାନ୍ତି। ସମ୍ବଳ କହିଲେ ତାଙ୍କର ମାତ୍ର ଏକ ଏକର ଜମି। ଝିଅର ଚିକିତ୍ସା ଲାଗି ସେ ବାହାର ରାଜ୍ୟକୁ ଯାଇ କାମ କରୁଛନ୍ତି। ହେଲେ ବ୍ୟୟବହୁଳ ଚିକିତ୍ସା ଲାଗି ଅର୍ଥ ଯୋଗାଡ କରି ପାରିନାହାନ୍ତି। ଶୁଚିସ୍ମିତାଙ୍କ ମା’ ଉର୍ମିଳା କହିଛନ୍ତି ପ୍ରଥମେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ନେଇଥିଲା। ୩ବର୍ଷ ପରେ ଝିଅ ଜନ୍ମ ହେଲା। ଜନ୍ମ ପରଠାରୁ ସମସ୍ୟା ଲାଗିରହିଛି। କଟକର ଶିଶୁ ଭବନରେ ଝିଅକୁ ଦେଖାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ସରକାରୀ ସ୍ତରରେ,କୌଣସି ଅନୁଷ୍ଠାନ ଏବଂ ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଲେ ସେ ଶୁଚିସ୍ମିତାଙ୍କ ଚିକିତ୍ସା କରାଇ ପାରନ୍ତେ। ତାଙ୍କ ଝିଅର ଜୀବନ ରକ୍ଷାଯାଇ ପାରନ୍ତା। ଏଥିଲାଗି ୯୧୭୮୬୪୫୧୫୩ ନମ୍ବର ଫୋନରେ ଯୋଗାଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

## ସହରାଞ୍ଚଳରେ ୨୭୬ ପରିବାରକୁ ରାଶନ କାର୍ଡ ବଣ୍ଟନ

**ଜଳେଶ୍ୱର, ୩୦।୧୦(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଜଳେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ୧୭ଟି ୱାର୍ଡ଼ର ୨୭୬ ପରିବାରଙ୍କୁ ମଙ୍ଗଳବାର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସରରେ ରାଶନକାର୍ଡ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ବଣ୍ଟନ କରାଯାଇଛି। ୨୭୬ ପରିବାରର ପ୍ରାୟ ୯୨୮ଜଣ ହିତାଧିକାରୀ ଟଙ୍କାକିଆ ଚାଉଳ ଚଳିତମାସଠାରୁ ପାଇବେ ବୋଲି ବିଧାୟକ ପାତ୍ର କହିଛନ୍ତି। ଏହା ସହିତ ଜଳେଶ୍ୱର ବ୍ଲକ ଅଞ୍ଚଳର ୨୯୩୬ ପରିବାରର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଟଙ୍କାକିଆ ଚାଉଳ ଚଳିତ ମାସଠାରୁ ପାଇବେ ବୋଲି ଜଣାପଡ଼ିଛି। ଆଜିର ଏହି ରାଶନ କାର୍ଡ଼ ବଣ୍ଟନ ସମୟରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଧାରୀ ବାରିକ, ଏମ୍‌ଆଇ ମଧୁସ୍ମିତା ସେନାପତି, ପୂର୍ବତନ ନଗରପାଳ ପ୍ରବୀର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଅଶ୍ୱିନୀ କୁମାର ପାତ୍ର ହିତାଧିକାରୀଙ୍କୁ ରାଶନ କାର୍ଡ ଦେଉଛନ୍ତି।

## ଜିଲାସ୍ତରୀୟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ‘ମିଶନ ସାହସୀ’

**ବାଲେଶ୍ୱର ଅଫିସ, ୩୦।୧୦**

ବାଲେଶ୍ୱର ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ସ୍ଥାନୀୟ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ‘ମିଶନ ସାହାସୀ’ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜ ଓ ସ୍କୁଲରୁ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ମନବ୍ରତା ଶତପଥି ଏବଂ ମୁଖ୍ୟବକ୍ତା ଭାବେ ମୀରା ବାଜପେୟୀ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ସଂଯୋଜିକା ଶିଳ୍ପା ମାଇତି ଓ ସହ ସଂଯୋଜିକା ପୂର୍ଣ୍ଣିମା ବାରିକ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ଏଲିସା ଦାସ, ସୌମ୍ୟା ସ୍ୱରୂପା ଦାସ, ପ୍ରିୟଙ୍କା ପାତ୍ର, ଅନନ୍ୟା ପରିଡ଼ା, ଅଲିଭା ମିଶ୍ର, ଆଦ୍ୟାଶା ଜେନା, ତୃପ୍ତିମୟୀ ପାତ୍ର, ସୋନାଲିନ୍ ମିଶ୍ର, ଜୟଶ୍ରୀ ବେହେରା, ଅର୍ପିତା ମହାକୁଡ଼, ଐଶ୍ୱର୍ଯ୍ୟା ମହାପାତ୍ର ସହଯୋଗ କରିବା ସହ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ସାରା ଭାରତରେ ଆତ୍ମରକ୍ଷା ପ୍ରଶିକ୍ଷଣ ଓ ପ୍ରଦର୍ଶନ ଶିବିର ‘ମିଶନ ସାହସୀ’ ଅନୁଷ୍ଠିତ ହେଉଛି। ଏହା ଏକ ସର୍ବଭାରତୀୟ କାର୍ଯ୍ୟକ୍ରମ। ସାରା ଭାରତରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀ ଏଥିରେ ଭାଗ ନେବେ ଓ ଏହାକୁ ଗିନିଜ ବୁକ୍ ରେକର୍ଡ଼ କରିବା ପାଇଁ ବିଦ୍ୟାର୍ଥୀ ପରିଷଦ ଆଶାୟୀ ଅଛି।




ଜିଲାସ୍ତରୀୟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ‘ମିଶନ ସାହସୀ’ରେ ଉପସ୍ଥିତ ଅତିଥି।

## କଡ଼ା ସୁରକ୍ଷାରେ ବାଲେଶ୍ୱର କାରାଗାରରେ ‘କ୍ୟାମ୍ପ କୋର୍ଟ’

# ୨୭ ମାମଲାରେ ୨୮ ଜଣଙ୍କୁ ଜାମିନ

**ବାଲେଶ୍ୱର ଅଫିସ, ୩୦।୧୦**

ବାଲେଶ୍ୱର ଜିଲା କାରାଗାରରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସୋମବାର କଡ଼ା ସୁରକ୍ଷା ମଧ୍ୟରେ ‘କ୍ୟାମ୍ପ କୋର୍ଟ’ ଆୟୋଜନ କରାଯାଇଥିଲା। ଉକ୍ତ ଦିବସରେ କୌଣସି ମାମଲା ବିଚାର ହୋଇପାରି ନ ଥିବା ବେଳେ ଦ୍ୱିତୀୟ ଦିନ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏଥିରେ ଜିଲା କୋର୍ଟର ସମସ୍ତ ଜଜ୍ ଯୋଗଦେଇ ୨୭ ମାମଲାର ବିଚାର କରିଥିଲେ। କାରାଗାରରେ ଥିବା ୟୁଟିପି (ଅଣ୍ଡର ଟ୍ରାଏଲ ପ୍ରିଜିନାଲ) ୭୮ ଜଣ ଦରଖାସ୍ତ ଆବେଦନ କରିଥିଲେ। ସେଥିମଧ୍ୟରୁ ୨୭ ମାମଲାରେ ବ୍ୟକ୍ତିଗତ ମୁଚାଲିକାରେ (ପି ଆର୍ ବଣ୍ଡ) ବିଚାର କରାଯାଇ ୨୮ଜଣଙ୍କୁ ଜାମିନ ମିଳିଛି।

ରାଜ୍ୟରେ ଓକିଲମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କାରାଗାରରେ ବହୁ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଦୀର୍ଘଦିନ ଧରି ରହିବା କାରଣରୁ ହାଇକୋର୍ଟ ‘କ୍ୟାମ୍ପ କୋର୍ଟ’ କରିବାର ନିର୍ଦ୍ଦେଶ ଦେଇଥିଲେ। ଜଳେଶ୍ୱର କୋର୍ଟରେ ୭ଟି ଦରଖାସ୍ତ ଆବେଦନ ହୋଇଥିବା ବେଳେ କୌଣସି ମାମଲାର ଜାମିନ ପ୍ରଦାନ କରାଯାଇନାହିଁ। ସୋର କୋର୍ଟରେ ୬୩ ଦରଖାସ୍ତ ଆବେଦନ ହୋଇଥିବା ବେଳେ କୌଣସି ମାମଲାର ଜାମିନ ପ୍ରଦାନ କରାଯାଇନାହିଁ। ନୀଳଗିରି କାରାଗାର ସମ୍ମୁଖରେ ଓକିଲମାନେ ଆନ୍ଦୋଳନ କରିବାରୁ ସେଠାରେ ‘କ୍ୟାମ୍ପ କୋର୍ଟ’ ଆୟୋଜନ ହୋଇ ନ ଥିବାର ଖବର ମିଳିଛି। ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ରାଜାରଞ୍ଜନ ପାଢ଼ୀ, ବାଲେଶ୍ୱର ଜିଲା ଦୌରାଜଜ୍ ରାମଶଙ୍କର ହୋତା, ସ୍ପେଶାଲ ଜଜ୍ ଭିଜିଲାନ୍ସ ଗଜେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲା ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀ, ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଦେବାଶିଷ ରାଉତ, ଏସ୍‌ଡ଼ିଜେଏମ୍ ମୋନାଲିସା ପଟ୍ଟନାୟକ, ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ (ପ୍ରଥମ ଶ୍ରେଣୀ) ସୁଧିରଞ୍ଜନ ଦାସ, ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ (ଦ୍ୱିତୀୟ ଶ୍ରେଣୀ) ଇପ୍‌ସିତା ନନ୍ଦ ଏବଂ ନିରଞ୍ଜନ ଦାସ, ରେଜିଷ୍ଟ୍ରର ଶିବ ପ୍ରସାଦ ମିଶ୍ର, ଜିଲା ଲିଗାଲ ସେଲ୍ ସମ୍ପାଦକ ରୀନା ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ମାମଲାଗୁଡ଼ିକର ବିଚାର କରିଥିଲେ।



ଜାମିନ ମିଳିଥିବା ଅଭିଯୁକ୍ତମାନେ ଜେଲ୍‌ରୁ ବାହାରୁଛନ୍ତି।

ବାଲେଶ୍ୱର ଜିଲା ମୁଖ୍ୟ କାରାଗାରରେ ୪୮୦ଜଣ କଏଦୀ ରହିବାର କ୍ଷମତା ରହିଛି। ବର୍ତ୍ତମାନ କଏଦୀ ସଂଖ୍ୟା ୫୭୩ ଜଣକୁ ବୃଦ୍ଧି ପାଇଛି। ଫଳରେ ସେମାନଙ୍କର ରହଣି ଏବଂ ବିଭିନ୍ନ ବ୍ୟବସ୍ଥା ଉପଲବ୍ଧ କରିବାରେ ସମସ୍ୟା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ‘କ୍ୟାମ୍ପ କୋର୍ଟ’କୁ ସୂଚାରୁ ରୂପେ ପରିଚାଳନା ପାଇଁ କାରାପାଳ ଶୁଭକାନ୍ତ ମିଶ୍ର, ଜିଲା ପରିବେକ୍ଷଣ ଅଧିକାରୀ ଦେବବ୍ରତ ଜେନା, ସହ–କାରାପାଳ ବୁଲୁ ମାଠିଆ, ଉପ–ସହକାରାପାଳ ସୁବାଷ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।



ଯେଉଁ କାର୍ଯ୍ୟ ଦ୍ୱାରା ନିଜର ମଙ୍ଗଳ ସଙ୍ଗେ ସଙ୍ଗେ ଅନ୍ୟର ମଙ୍ଗଳ ହୋଇଯାଉଥାଏ, ସେ କାର୍ଯ୍ୟକୁ ଖୋଜି ବାହାର କରିବା କମ୍ ସୌଭାଗ୍ୟର କଥା ନୁହେଁ।
-ଜନାଥନ୍ ଏଡୱାର୍ଡସ୍



## ସଂକ୍ଷେପରେ

### ବୋଲେରୋ ଦୁର୍ଘଟଣାଗ୍ରସ୍ତ

କପ୍ତିପଦା,୩୦।୧୦(ଡି.ଏନ.ଏ): କପ୍ତିପଦା ଥାନା ଅଧୀନ ଶ୍ରୀମା ମନ୍ଦିର ନିକଟରେ ଏକ ବୋଲେରୋ ଗାଡି ନ. (ଏନଏଲ-୦୧-୬୯୭୩) ଦୁର୍ଘଟଣାଗ୍ରସ୍ତ ହୋଇଛି। ହେଲେ ଏଥି ଯୋଗୁ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି। ଗାଡିଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଯାଇଥିଲା। ପୋଲିସ ଗାଡିଟିକୁ ଥାନାକୁ ଆଣି ଡ୍ରାଇଭରକୁ ଅଟକ ରଖିଛି। ପ୍ରାଥମିକ ତଦନ୍ତରୁ ଗାଡିଟି ଭୁବନେଶ୍ୱରରୁ ଉଦଳା, ବାରିପଦା, ଝାରପୋଖରିଆ, ବେତନଟୀ ଓ ମୋରଡାକୁ ଆସୁଥିବା ଜଣାଯାଇଛି।

### 'ବିପର୍ଯ୍ୟୟର ମୁକାବିଲା ନିମନ୍ତେ ରଣକୌଶଳ ଲୋଡା'




କପ୍ତିପଦା,୩୦।୧୦(ଡି.ଏନ.ଏ):କପ୍ତିପଦା ମହାବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ ଆନୁକୂଲ୍ୟରେ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇ ଯାଇଛି। ଏଥିରେ ମହାବିଦ୍ୟାଳୟ ବରିଷ୍ଠ ଅଧାପକ କମଳାକାନ୍ତ ବୁଗୁଡେଇ ଅଧକ୍ଷତା କରିଛନ୍ତି। ଅଧାପିକା ଡ. ଲିପିକା ବେହେରା, ମୈନାବତୀ ବେହେରା, ଅଧାପକ ବିଭୁ ରଞ୍ଜନ ବିଶ୍ୱାଳ, ଯୁକ୍ତ ୨ର ଉପଦେଷ୍ଟା ହରମୋହନ ଜେନା, ଯୁକ୍ତ ୩ର ଉପଦେଷ୍ଟା ଚନ୍ଦ୍ରମୋହନ ପରିଡା ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବନ୍ୟା, ବାତ୍ୟା ଆଦି ବିପର୍ଯ୍ୟୟ ସମୟରେ କିପରି ପ୍ରସ୍ତୁତ ରହି ଲୋକଙ୍କୁ ସଚେତନ କରାଯିବ ସେ ସମ୍ପର୍କରେ କହିଥିଲେ। ସେ ସମ୍ପର୍କୀତ ବିଭିନ୍ନ ରଣକୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା।

### ବାରିପଦାରେ ଶିଶୁ ମହୋତ୍ସବ



ବାରିପଦା ଅଫିସ,୩୦।୧୦: ବାରିପଦା ମୁର୍ଗାବାଡିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବାରିପଦା ମଣ୍ଡଳ ସ୍ତରିୟ ଶିଶୁ ମହୋତ୍ସବ ସୁରଭି -୨୦୧୮ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରିଣୀ ଡ. ପ୍ରଜ୍ଞାପାରମିତା ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ତଥା ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବିବେକାନନ୍ଦ ସାହୁ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ପ୍ରଫେସର ଜଗନ୍ନାଥ ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଧୁସୂଦନ ଚକ୍ର, ଗୋରୁମହିଷାଣି ବାଇଟ ର ଡ.ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ବ୍ଲକ ଶିକ୍ଷା ଅଧିକାରିଣୀ ଡ.ପ୍ରଜ୍ଞାପାରମିତା ଜେନା ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### ନୂତନ ଅତିରିକ୍ତ ଜିଲାପାଳଙ୍କ ଯୋଗଦାନ



ବାରିପଦା ଅଫିସ,୩୦।୧୦: ମୟୂରଭଞ୍ଜ ଜିଲାର ନୂତନ ଅତିରିକ୍ତ ଜିଲାପାଳ ଭାବେ ଆବୋଲି ସୁନୀଲ ନରଭାଣେ (ଆଇଏଏସ) କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ,ଏହା ପୂର୍ବରୁ ଶ୍ରୀମତି ନରଭାଣେ ମୟୂରଭଞ୍ଜ ଜିଲାର ସହକାରୀ ଜିଲାପାଳ ତଥା ଆଇଏଏସ ପ୍ରୋବେଶନର ଭାବେ କାର୍ଯ୍ୟ କରୁଥିଲେ। ମୟୂରଭଞ୍ଜ ଜିଲାର ଅତିରିକ୍ତ ଜିଲାପାଳ ଭାବେ ତାଙ୍କର ଯୋଗଦାନ ଅବସରରେ ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବିପଦସଙ୍କୁଳ ହାତୀ ଚଲାପଥ



ବାରିପଦା ବନଖଣ୍ଡରେ ହାତୀଙ୍କ ଚଳପ୍ରଚଳ।

- ହାତ ପାହାନ୍ତାରେ ଝୁଲୁଛି ବିଜୁଳି ତାର
- ପାଣ୍ଠି ଅଭାବରୁ ହୋଇପାରୁନି କାମ
- ବାରିପଦା ବନଖଣ୍ଡରେ ୩୮୦ ସ୍ଥାନରେ ମରାମତି ଆବଶ୍ୟକ

ବାରିପଦା ଅଫିସ,୨୯।୧୦

ମୟୂରଭଞ୍ଜ ଜିଲାର ବନାଞ୍ଚଳରେ ହାତୀଙ୍କ ଚଲାପଥରେ ବିଭିନ୍ନ ସ୍ଥାନରେ ବିଜୁଳି ତାର ବିପଦସଙ୍କୁଳ ସ୍ଥିତିରେ ରହିଛି। କେତେକ ସ୍ଥାନରେ ହାତ ପାଅନ୍ତାରେ ଝୁଲୁଛି ତାର। ହାତୀ ଭଳି ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବିଜୁଳି ଓ ବନ ବିଭାଗ ପକ୍ଷରୁ ହାତୀଙ୍କ ଚଲାପଥ ଯାଞ୍ଚ କରି ସରକାରଙ୍କୁ ରିପୋର୍ଟ ପଠାଇବାର ୨ ବର୍ଷ ବିତିବାକୁ ବସିଲାଣି। ଆବଶ୍ୟକ ମରାମତି କାର୍ଯ୍ୟ ଲାଗି ପ୍ରସ୍ତୁତ ହୋଇଥିବା ୨୫ କୋଟି ଟଙ୍କାର ବ୍ୟୟ ଅଟକଳ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦ କୋଟି ଟଙ୍କା ମିଳିବା ପରେ ଜରୁରୀ ଆବଶ୍ୟକ ଥିବା ସ୍ଥାନରେ ତାର ସଜଡା ଯାଇଛି। ପରବର୍ତ୍ତୀ ଅନୁଦାନ ଆସି ନ ଥିବାରୁ ମରାମତି କାର୍ଯ୍ୟରେ ଆବଶ୍ୟକ ଅଗ୍ରଗତି ହୋଇ ପାରି ନାହିଁ। ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବା ବାରିପଦା ବନଖଣ୍ଡରେ ପ୍ରାୟ ୫ ହଜାର ୪୩୧ ବର୍ଗ କି.ମି. ପରିମିତ ଅଞ୍ଚଳ ଦେଇ ଯାଇଥିବା ୧୧ କେଭି ଓ ଏଲଟି ଲାଇନ ୩୮୦ ସ୍ଥାନରେ ହାତ ପାହନ୍ତା ଉଚ୍ଚତାରେ ଝୁଲୁଛି। ଏହାର ମରାମତି ଅତି ଜରୁରୀ ହୋଇପଡିଛି ବୋଲି ବାରିପଦା ବନଖଣ୍ଡ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି।

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଢେଙ୍କାନାଳ ଜିଲାରେ ୭ ହାତୀଙ୍କ ମୃତ୍ୟୁ ହେବା ପରେ ବିଦ୍ୟୁତ୍ ଓ ବନ ବିଭାଗ ଚେତି ଉଠିଛି। ହେଲେ ଏହି ୨ ବିଭାଗ ମଧ୍ୟରେ ସମନ୍ୱୟ ଓ ଅର୍ଥାଭାବ କାରଣରୁ କାମ ଆଗେଇ ପାରୁ ନାହିଁ। ଅନ୍ୟପକ୍ଷେ ଦାୟିତ୍ୱ ନିର୍ବାହ ନେଇ ଦୁଇ ବିଭାଗ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ଚାଲିଥିବାରୁ ପରିବେଶବିତମାନେ ଏନେଇ ଚିନ୍ତା ପ୍ରକଟ କରିଛନ୍ତି। ଉଲ୍ଲେଖନୀୟ ଯେ, କେବଳ ବାରିପଦା ବନଖଣ୍ଡରେ ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ ହାତୀ ଅଛନ୍ତି। ପ୍ରତିଦିନ ଶିମିଳିପାଳରୁ ହାତୀ ପଲ ମଧ୍ୟ ଏହି ବନାଞ୍ଚଳକୁ ଆସିଥାନ୍ତି। ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଅଞ୍ଚଳରୁ ହାତୀପଲ ଚଲାପଥ ଦେଇ ସବୁବେଳେ ଯାତାୟତ କରିଥାନ୍ତି। ଗତ ବର୍ଷ ବେତନଟୀ ରେଞ୍ଜରେ ବିଦ୍ୟୁତ୍ ତାର ଲାଗି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଏହାସତ୍ତ୍ୱେ ବିଦ୍ୟୁତ୍ ବିଭାଗ କୌଣସି ପଦକ୍ଷେପ ନେଇ ନ ଥିଲେ। ଏବେ ଢେଙ୍କାନାଳ ଦୁର୍ଘଟଣା ପରେ ଉଭୟ ବିଭାଗ ବିଦ୍ୟୁତ୍ ଲାଇନର ବିପଦସଙ୍କୁଳ ସ୍ଥାନ ଚିହ୍ନଟ କରି ସରକାରଙ୍କୁ ସୂଚନା ମିଳିଛି। ବିଶେଷ କରି ରାସଗୋବିନ୍ଦପୁର, ବେତନଟି, ବଡସାହି, ଶାମାଖୁଣ୍ଟା, ମୋରଡା ଓ ଖୁଣ୍ଟା ଅଞ୍ଚଳରେ ଅଧିକ ବିପଦସଙ୍କୁଳ ସ୍ଥାନ ରହିଥିବା ଚିହ୍ନଟ ହୋଇଛି।

ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକ କହିଛନ୍ତି, ବର୍ତ୍ତମାନ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ-ଦେଉଳି- ଶୁଳିଆପଦା ଅଞ୍ଚଳରେ ହାତୀ ଚଲାପଥ ଗୁଡିକରେ ବିଦ୍ୟୁତ୍ ଲାଇନର ମରାମତି କାର୍ଯ୍ୟ କରାଯାଉଛି। ବାରିପଦା ବନଖଣ୍ଡରେ ଚିହ୍ନଟ ୩୮୦ ସ୍ଥାନରେ ବିଦ୍ୟୁତ୍ ଲାଇନର ମରାମତି ନିହାତି ଆବଶ୍ୟକ। ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜୀବ କୁମାର ନାୟକ କହିଛନ୍ତି, ବାରିପଦା ବନଖଣ୍ଡ ଓ ବିଦ୍ୟୁତ ବିଭାଗର ମିଳିତ ରିପୋର୍ଟ ମୁତାବକ ସମଗ୍ର ଜିଲାର ହାତୀ କରିଡରରେ ବିଦ୍ୟୁତ୍ ଲାଇନ ମରାମତି ଲାଗି ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରାଯାଇ ୨୦୧୫-୧୬ରେ ଶକ୍ତି ବିଭାଗକୁ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମିଳିଥିବା ୧୦ କୋଟି ଟଙ୍କାରେ ଜରୁରୀ ଥିବା ସ୍ଥାନଗୁଡିକରେ କାର୍ଯ୍ୟ କରାଯାଇଥିଲା। ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଆଗକୁ ସରକାରୀ ଅନୁମୋଦନ ଆସିଲେ ଅବଶିଷ୍ଟ କାର୍ଯ୍ୟ କରାଯିବ। ବାରିପଦା ବନଖଣ୍ଡର ଗୁରୁତ୍ୱପୂର୍ଣ୍ଣ ହାତୀ ଚଲାପଥଗୁଡିକରେ ମଧ୍ୟ କାର୍ଯ୍ୟ କରାଯାଇଛି। ଅଳ୍ପ କିଛି ସ୍ଥାନରେ ପାଣ୍ଠି ଅଭାବରୁ କାର୍ଯ୍ୟ ହୋଇପାରି ନ ଥିବା ସରକାରଙ୍କୁ ରିପୋର୍ଟପ୍ରଦାନ କରାଯାଇଛି।




କାର୍ଯ୍ୟକ୍ରମରେ ଜିଲାପାଳ ବିନିତ ଭରଦ୍ୱାଜ ଉଦ୍‌ବୋଧନ ଦେଉଛନ୍ତି।

## ବିଶ୍ୱ ଦୃଷ୍ଟି ଦିବସ ପାଳିତ

ବାରିପଦା ଅଫିସ,୩୦।୧୦

ପିଆରଏମ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଚକ୍ଷୁ ବିଭାଗ ପକ୍ଷରୁ ୧୯ ତମ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚକ୍ଷୁ ବିଭାଗର ଏଚଓଡି ଡା. ସୁଚିତ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିନିତ ଭରଦ୍ୱାଜ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରିଣୀ ଡା.ପୁରବୀ ମହାନ୍ତି, ଏଡିଏମଓ(ପି.ଏଚ) ଡା.ରାଜେଶ କୁମାର ସିଂ ଓ ଏଡିଏମଓ(ଏଫ.ଡବ୍ଲୁ) ଡା. କସ୍ତୁରି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅତ୍ୟାଧୁନିକ ମେଶିନକୁ ଜିଲାପାଳ ଭରଦ୍ୱାଜ ଉଦ୍‌ଘାଟନ କରିଥିଲେ। ସେହିପରି ବିଭାଗର ଏଚଓଡି ଡା.ପାଣିଗ୍ରାହୀ ସୂଚନା ଦେଇ କହିଥିଲେ ଯେ ମଧୁମେହ ଓ ଉଚ୍ଚ ରକ୍ତଚାପ ଯୋଗୁ ଚକ୍ଷୁର ରକ୍ତନଳୀ ଫାଟି ଯାଇ ରେଟିନାରେ ପାଣି ଜମା ହୋଇ ବିଭିନ୍ନ ସମୟରେ ରକ୍ତ ଜମାଟ ବାନ୍ଧଥାଏ। ଏହି ରୋଗର ଚିକିତ୍ସା ବର୍ତ୍ତମାନ ପିଆରଏମ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଉପଲବ୍ଧ। ଏବଂ ଭବିଷ୍ୟତରେ ସ୍ୱଚ୍ଛପଟଳ ଜନୀତ ଦୃଷ୍ଟିହୀନଙ୍କ ଚକ୍ଷୁ ପ୍ରତ୍ୟାରୋପଣ କରାଯିବ। ଏଣୁ ସେମାନେ ନିଜ ନିଜ ନାମ ପଞ୍ଜୀକରଣ କରିନେବାକୁ ମଧ୍ୟ ସେ ସୂଚନା ଦେଇଥିଲେ। ଏହି ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ଜରୁରିକାଳୀନ ସେବା ଉପଲବ୍ଧ ରହିଥିବା ମଧ୍ୟ ସେ କହିଥିଲେ।

## ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ସମ୍ବର୍ଦ୍ଧନା ସଭା

ବାରିପଦା ଅଫିସ,୩୦।୧୦

ବାରିପଦା ସହରର ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ ଆଇଏଏସ ଗୁରୁକୁଳ ମିଶନ ପରିସରରେ ସୋମବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଡ.ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଝାରପୋଖରିଆ ସୀମାନ୍ତ ଆଇଟିଆଇନ୍‌ର ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ଏବଂ ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଗୁଡିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଅର୍ଥନୀତି ବିଭାଗର ସ୍ନାତକୋତ୍ତର ଶିକ୍ଷକ ଡ.ମନତୋଷ କୁମାର ପତିଙ୍କୁ କଳା, ସଂସ୍କୃତି ଉପରେ ଗବେଷଣା ତଥା ପ୍ରଚାର ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କବିୟତ୍ରୀ ସୁନିତା ରାଣୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ରୋହନ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ସହିତ ସହରର ସାହିତ୍ୟପ୍ରେମୀମାନେ ଯୋଗ ଦେଇଥିଲେ।



ଡ.ମନତୋଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କ୍ୟାମ୍ପକୋର୍ଟକୁ ଉଦଳା ଓକିଲ ସଂଘର ବିରୋଧ



ଉଦଳା ଓକିଲ ସଂଘ ପକ୍ଷରୁ କୋର୍ଟ ସମ୍ମୁଖରେ ବିକ୍ଷୋଭ।

ଉଦଳା,୩୦।୧୦ (ଡି.ଏନ.ଏ.)

କଟକ ହାଇକୋର୍ଟରେ ଜଣେ ଆଇନଜୀବୀଙ୍କୁ ପୋଲିସ୍‌ର ମାଡ ଘଟଣା ପ୍ରତିବାଦରେ ସମଗ୍ର ରାଜ୍ୟରେ ଆଇନଜୀବୀମାନେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଏହାର ପ୍ରଭାବ ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳାରେ ପରିଲକ୍ଷିତ ହୋଇଛି। ହାଇକୋର୍ଟ ବାର ଆସୋସିଏଶନର ନିଷ୍ପତ୍ତି ଅନୁଯାୟୀ ଉଦଳା ଓକିଲ ସଂଘ ଏବଂ କପ୍ତିପଦା ଉପଖଣ୍ଡ ଓକିଲ ସଂଘ ପକ୍ଷରୁ ହାଇକୋର୍ଟ ଓକିଲ ସଂଘକୁ ସମର୍ଥନ ଜଣାଇ ଜୁଡିସିଆଲ କୋର୍ଟରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିଥିଲେ । ମାତ୍ର ଗତ ସୋମବାର ହାଇକୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ବିବାଦ ସୃଷ୍ଟି ପରେ ଏହାର ପ୍ରଭାବ ଉଦଳା ବାର ଅସୋସିଏଶନରେ ଦେଖିବାକୁ ମିଳିଛି । ଯେଉଁଥିପାଇଁ କି ମଙ୍ଗଳବାର ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଉଦଳାର ଏସଡିଜେଏମ୍ ଏବଂ ସବଜଜ୍ କୋର୍ଟକୁ ବନ୍ଦ କରିବା ସହିତ କ୍ୟାମ୍ପକୋର୍ଟକୁ ମଧ୍ୟ ବିରୋଧ ହୋଇଥିଲା। ଫଳରେ କୋର୍ଟ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଥିଲା। ଏତଦ୍‌ବ୍ୟତୀତ ଉଦଳା ବାର ଆସୋସିଏଶନର ସମସ୍ତ ଆଇନଜୀବୀ ସ୍ଥାନୀୟ ଉପଜିଲାପାଳ, ତହସିଲ, ସବରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ବନ୍ଦ କରି ଦେଇଥିଲେ । ଫଳରେ ସରକାରୀ କାର୍ଯ୍ୟ ନେଇ ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ସମ୍ପର୍କରେ ଓକିଲ ସଂଘ ସଭାପତି ଆଇନଜୀବୀ ଲମ୍ବୋଦର ବେହେରା କହିଛନ୍ତି ଯେ, ହାଇକୋର୍ଟ ବାର ଆସୋସିଏଶନର ନିଷ୍ପତ୍ତି ଅନୁଯାୟୀ ଏହି କାର୍ଯ୍ୟକ୍ରମ କରାଯାଇଛି । ଉଦଳା ଓକିଲ ସଂଘ ଏହି କାର୍ଯ୍ୟକୁ ସଫଳ କରିବା ପାଇଁ ଆନ୍ଦୋଳନ କରୁଥିବା ବେଳେ ଉପଖଣ୍ଡ ବାର ଆସୋସିଏଶନର କର୍ମକର୍ତ୍ତା ଏହାକୁ ସମର୍ଥନ କରିଛନ୍ତି ।

## ଗ୍ରହଣ ଖଣ୍ଡିଆ,ତାଲୁକଣା ଚିହ୍ନଟୀକରଣ ଶିବିର

ବାରିପଦା ଅଫିସ,୩୦।୧୦

କଟକସ୍ଥିତ ଏକ ଘରୋଇ ହସ୍ପିଟାଲର ବିଶେଷଜ୍ଞ ଏବଂ ମୟୂରଭଞ୍ଜ ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ବିଶୋଇ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗ୍ରହଣ ଖଣ୍ଡିଆ ଓ ତାଲୁକଣା ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ଚିହ୍ନଟ ହୋଇଥିବା ସମସ୍ତ ବ୍ଲକରୁ ୧୨୬ ଜଣଙ୍କ ମଧ୍ୟରୁ ୧୨୪ଜଣ ଉପସ୍ଥିତ ହୋଇଥିଲେ। ସେଥି ମଧ୍ୟରୁ ଅସ୍ତ୍ରୋପଚାର ନିମନ୍ତେ ୫୬ଜଣଙ୍କୁ ମନୋନୀତ କରାଯାଇଛି। ସେମାନଙ୍କର କଟକରେ ମାଗଣାରେ ଅସ୍ତ୍ରୋପଚାର କରାଯିବା ସହିତ ଅପରେଶନ ପରେ ଯାତାୟାତ ଖର୍ଚ୍ଚ ବାବଦରେ ଜଣଙ୍କ ପିଛା ୧ହଜାର ଟଙ୍କା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଜିଲା ପ୍ରକଳ୍ପ ସଂଯୋଜକ ବିବେକାନନ୍ଦ ସାହୁ ଶିବିର ଭ୍ରମଣ କରି ତଥ୍ୟ ସଂଗ୍ରହ କରିଥିଲେ। ସର୍ବଶିକ୍ଷା ଅଭିଯାନର ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଓକିଲଙ୍କ ବିରୋଧ ସତ୍ତ୍ୱେ ଜେଲ୍‌ରେ କ୍ୟାମ୍ପ କୋର୍ଟ

## ୧୦ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ବାରିପଦା ଅଫିସ/ରାଇରଙ୍ଗପୁର, ୩୦।୧୦ (ଡି.ଏନ.ଏ)

ଓକିଲ ଓ ପୋଲିସ ଗଣ୍ଡଗୋଳ ଯୋଗୁଁ ସମଗ୍ର ରାଜ୍ୟରେ ଓକିଲଙ୍କ ଆନ୍ଦୋଳନ ଜୋର ଧରୁଛି। ଫଳରେ ଜେଲରେ କଏଦୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଲାଗିଥିବା ବେଳେ ସେମାନଙ୍କୁ ରଖିବା ପାଇଁ ସ୍ଥାନାଭାବ ଦେଖାଦେଇଛି। ଏଣୁ ରାଜ୍ୟର ସମସ୍ତ ଜିଲା ଓ ସେସନ କୋର୍ଟକୁ କ୍ୟାମ୍ପ କରିବା ପାଇଁ ହାଇକୋର୍ଟ କହିଛନ୍ତି। ହେଲେ ଜିଲାର ବିଭିନ୍ନ ସ୍ଥାନରେ କୋର୍ଟ କ୍ୟାମ୍ପକୁ ଯାଉଥିବା ବିଚାରପତିଙ୍କୁ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହାସତ୍ତ୍ୱେ ସୋମବାର ରାଇରଙ୍ଗପୁର ଓ କରଞ୍ଜିଆରୁ ୩୬ରୁ ଊର୍ଦ୍ଧ୍ୱ କଏଦୀ ମୁକୁଳିଥିବା ବେଳେ ମଙ୍ଗଳବାର ବାରିପଦା ମଣ୍ଡଳ କାରାଗାରର ୩ ଜଣ ଓ ରାଇରଙ୍ଗପୁରରେ ୧୦ ଜଣଙ୍କୁ ଜାମିନ ପ୍ରଦାନ କରାଯାଇଛି। ସୋମବାର ବାରିପଦାସ୍ଥିତ ଜିଲା ଦୌରା ଜଜ ଗେଟରେ ଜିଲା ଓକିଲ ସଂଘ ପକ୍ଷରୁ ତାଲା ପକାଇ ଦିଆଯାଇଥିଲା। ଦ୍ୱିତୀୟ ଦିନ ମଙ୍ଗଳବାର ମଧ୍ୟ ବାରିପଦାରେ ସମାନ ଅବସ୍ଥା ଥିଲା। ଓକିଲମାନେ ବିଚାରପତିଙ୍କୁ କୋର୍ଟ ଭିତରକୁ ଯିବା ପାଇଁ ନ ଦେଇ କୋର୍ଟ କ୍ୟାମ୍ପକୁ ବିରୋଧ କରିଥିଲେ। ତେବେ ବିଚାରପତିମାନେ ବାରିପଦା ମଣ୍ଡଳ କାରାଗାରକୁ ଯାଇ କୋର୍ଟ କ୍ୟାମ୍ପ କରିଥିଲେ। ଏଥିରେ ବାରିପଦା ମଣ୍ଡଳ କାରାଗାରରେ ୩ ଜଣ ରାଇରଙ୍ଗପୁରରେ ୧୦ ଜଣଙ୍କୁ ଜାମିନ ପ୍ରଦାନ କରିଥିଲେ। ତେବେ ବାରିପଦାରେ ଓକିଲମାନେ କୋର୍ଟ ପରିସରକୁ ତାଲା ମାରି ଦେଇଥିବାରୁ ରେକର୍ଡ ପତ୍ର କୋର୍ଟ କ୍ୟାମ୍ପକୁ ନେଇ ପାରି ନ ଥିଲେ ବିଚାର ବିଭାଗୀୟ କର୍ମଚାରୀ। ଏଣୁ କ୍ୟାମ୍ପ ସଫଳ ହୋଇ ନ ଥିଲା।

## 'ଗଣତନ୍ତ୍ର କୁମ୍ଭମେଳାରେ ସାମିଲ ହୁଅ'

କପ୍ତିପଦା,୩୦।୧୦(ଡି.ଏନ.ଏ)

କପ୍ତିପଦା ଓ ନୂଆସାହି ମହାବିଦ୍ୟାଳୟ ପରିସରରେ ଏକ ନାଗରିକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । କପ୍ତିପଦା ମହାବିଦ୍ୟାଳରେ ଅନୁଷ୍ଠିତ ଏହି ଶିବିରରେ ଅଧକ୍ଷ ଦିଲୀପ କୁମାର ସିଂହ ଅଧକ୍ଷତା କରିଛନ୍ତି । ଏଥିରେ କପ୍ତିପଦା ବ୍ଲକ୍ ଗ୍ରାମ ପଞ୍ଚାୟତ ଅଧିକାରୀ ଶଶିଶେଖର ଷଡ଼ଙ୍ଗୀ ଗଣତନ୍ତ୍ରର ଏହି ମହା କୁମ୍ଭମେଳାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏତଦବାଦ ପ୍ରତି ପଞ୍ଚାୟତରେ ନିଯୁକ୍ତ ହୋଇଥିବା ବିଏଲଓମାନଙ୍କର ଠିକଣା ଓ ପରିଚୟ ପ୍ରଦାନ କରିଥିଲେ। ଆଗାମୀ ଜାନୁୟାରୀ ୧ ତାରିଖ ସୁଦ୍ଧା ଏହି କାର୍ଯ୍ୟକ୍ରମ ସାରିବା ସହିତ ଗ୍ରାମାଞ୍ଚଳର ଲୋକଙ୍କୁ ସଚେତନ କରିବା ଓ ନିର୍ବାଚନରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ନୂଆସାହି ମହାବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ଡ. ଚନ୍ଦ୍ର କୁମାର ପଟ୍ଟନାୟକ ଅଧକ୍ଷତା କରିଛନ୍ତି। ଏଥିରେ ଗୋପବନ୍ଧୁନଗର ମଣ୍ଡଳର ଗୋଷ୍ଠୀ ଶିକ୍ଷାଧିକାରୀ ଶଶିଧର ସିଂହ, ବି.ଏଲ.ଓ ସୁପରଭାଇଜର ପ୍ରକାଶ କୁମାର ଦାସ, ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷା ଡ. ଲିପିକା ବେହେରା ଉପସ୍ଥିତ ଥିଲେ।

## ୩ ଲକ୍ଷ ଟଙ୍କାର ମୋବାଇଲ ଚୋରି

ଠାକୁରମୁଣ୍ଡା,୩୦।୧୦(ଡି.ଏନ.ଏ)

ଠାକୁରମୁଣ୍ଡା ବଜାରସ୍ଥିତ ଦାସ୍ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଓ ଟଙ୍କା ସୋମବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଠାକୁରମୁଣ୍ଡା ବଜାରରେ ଥିବା ଏହି ଦୋକାନରୁ ୪୦ଟି ଦାମିକିଆ ମୋବାଇଲ ଓ ୮ହଜାର ଟଙ୍କା ଚୋରି ହୋଇ ଯାଇଥିବାର ଏହାର ମାଲିକ ଦେବକାନ୍ତ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦେବକାନ୍ତ ମଙ୍ଗଳବାର ସକାଳେ ପହଞ୍ଚି ଏହା ଦେଖିବାକୁ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଦୁର୍ବୃତ୍ତମାନେ ଦୋକାନ ଘରର ଆଜବେଷ୍ଟସ୍ ସିଲିଙ୍ଗ ଭାଙ୍ଗି ଅନୁମାନିକ ୩ଲକ୍ଷଟଙ୍କାର ମୋବାଇଲ ଚୋରି କରିଥିବା ବ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଠାକୁରମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି ।

# ବେଆଇନ ପରିବହନ ହୋଇଛି ୪୦୨୩ ଏମ୍‌ଟି ଧାନ

### ସାବିତ୍ରୀ ରାଇସ ମିଲ୍‌ରେ ଅନିୟମିତତା ପ୍ରସଙ୍ଗ

- ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲା ବିଭାଗ

ଯାଜପୁର ଅଫିସ,୩୦।୧୦

ଯାଜପୁର ଜିଲା ବଡ଼ଚଣା ବ୍ଲକ ଓଲରାସ୍ଥିତ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଓ ମୟୂରଭଞ୍ଜ ଜିଲା କରଞ୍ଜିଆସ୍ଥିତ ସାବିତ୍ରୀ ରାଇସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଉପରେ ହୋଇଥିବା ସ୍ୱତନ୍ତ୍ର ଅଡିଟକୁ ନେଇ କୈଫତ ତଲବ ହୋଇଛି । ରିପୋର୍ଟରେ ସାବିତ୍ରୀ ଇଣ୍ଡଷ୍ଟ୍ରିଜଠାରୁ ୩କୋଟି ୩୧ଲକ୍ଷ ୨୭ହଜାର ୯୧୧ଟଙ୍କା ଅସୁଲଯୋଗ୍ୟ ବୋଲି ଦର୍ଶାଯାଇଛି। ନିଗମର ଉପରୋକ୍ତ କ୍ଷତି ଟଙ୍କା ପାଇଁ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ଏବଂ ଯାଜପୁରଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ୪୦୨୩.୯୫ ମେଟ୍ରିକ ଟନ୍(ଏମଟି) ବେଆଇନ ଧାନ ପରିବହନରେ ଦାୟୀ ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସଂକ୍ରାନ୍ତରେ ରିପୋର୍ଟ ତଲବ ହୋଇଛି। ରାଜ୍ୟ ଯୋଗାଣ ନିଗମ ଚିଫ୍ ଆକାଉଣ୍ଟ ଅଫିସର ଏନେଇ ଯାଜପୁର ଯୋଗାଣ ଅଧିକାରୀଙ୍କୁ ତୁରନ୍ତ ରିପୋର୍ଟ ଦେବାକୁ ତାଙ୍କ ପତ୍ରସଂଖ୍ୟା ନିର୍ଦ୍ଦେଶ ଜାରି କରିଛନ୍ତି।

୨୦୧୫-୧୬ ବର୍ଷରେ ସାବିତ୍ରୀ ଇଣ୍ଡଷ୍ଟ୍ରିଜକୁ ୬୨୨୩.୯୫୦ ମେଟ୍ରିକଟନ ଧାନ ଚାଉଳ ମିଲିଂ ପାଇଁ ଦିଆଯାଇଥିଲା। ଜିଲାର ପିଡିଏସ ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ନିର୍ଦ୍ଧାରିତ ସମୟରେ ୪୨୩୨.୨୮୬ ମେଟ୍ରିକଟନ ଚାଉଳ ଦାଖଲ କରିବା କଥା। କିନ୍ତୁ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ରାଇସ ମିଲ ମାତ୍ର ୨୩୬୦.୪୭୦ ମେଟ୍ରିକଟନ ଚାଉଳ ଦାଖଲ କରି ୧୮୭୧.୮୧୬ ମେଟ୍ରିକଟନ ଚାଉଳ ବାକି ରଖିଥିଲା। ଅନ୍ୟପକ୍ଷେ ୪୦୨୩.୯୫ ମେଟ୍ରିକ ଟନ ଧାନ ସାବିତ୍ରୀ ଇଣ୍ଡଷ୍ଟ୍ରିଜର ମୟୂରଭଞ୍ଜ ଜିଲାର କରଞ୍ଜିଆଠାରେ ଥିବା ଅନ୍ୟ ଏକ ରାଇସ ମିଲକୁ ମୁଖ୍ୟ କାର୍ଯ୍ୟାଳୟର ବିନା ମଞ୍ଜୁରୀରେ ପରିବହନ ହୋଇଥିଲା। ଏହି ପରିବହନରେ ମୟୂରଭଞ୍ଜ ଜିଲା ଯୋଗାଣ ଅଧିକାରୀଙ୍କ ସହ କୌଣସି ଆଲୋଚନା ମଧ୍ୟ ହୋଇ ନ ଥିଲା। ଏଥିରେ ସମ୍ପୃକ୍ତ ଅଧିକାରୀ ଓ ସାବିତ୍ରୀ ରାଇସ ମିଲ୍ କର୍ତ୍ତୃପକ୍ଷ ଚକ୍ରାନ୍ତ କରି ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିବାର ସେତେବେଳେ ଯୋଜନା ଥିଲା। ତେଣୁ ଗତ ଫେବୃୟାରୀ ମାସରେ ବ୍ୟାଙ୍କ ଏହି ରାଇସ ମିଲ୍ ଓ ମାଲିକଙ୍କ ସ୍ଥାବର/ଅସ୍ଥାବର ସମ୍ପତ୍ତି ଦଖଲରେ ନେବା ପରେ ଯୋଗାଣ ବିଭାଗର ଉପରୋକ୍ତ ଅର୍ଥ ଆଦାୟକୁ ନେଇ ସଂଶୟ ସୃଷ୍ଟି ହୋଇଛି। ସେହିପରି ଗତବର୍ଷ ଡିସେମ୍ବର ଶେଷ ସପ୍ତାହରେ ଜିଲାର ମିଲର୍ସମାନଙ୍କୁ ମିଲିଂ କ୍ଷମତା ଅନୁଯାୟୀ ୬ଟି ମିଲ୍‌କୁ ୬କୋଟି ଟଙ୍କା ଅମାନତ ରାଶି ଛାଡ଼ କରିଥିବା ଅଭିଯୋଗରେ ୩ଜଣ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଜାରି ହୋଇଥିଲା। ସେଥିମଧ୍ୟରୁ ସାବିତ୍ରୀ ଇଣ୍ଡଷ୍ଟ୍ରିଜକୁ ସର୍ବାଧିକ ୩ କୋଟି ୩୪ ଲକ୍ଷ ଟଙ୍କା ଛାଡ଼ ହୋଇଥିବା ଦର୍ଶାଯାଇଥିଲା। ଏଥିପାଇଁ ୩୦ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ଜିଲା ଯୋଗାଣ ଅଧିକାରୀଙ୍କ ଏଭଳି ଦାୟିତ୍ୱହୀନ କାର୍ଯ୍ୟ ଯୋଗୁ ନିଗମକୁ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଭାର ସମ୍ଭାଳିବାକୁ ପଡ଼ିଥିଲା। ୨୦୧୫-୧୬ ଆର୍ଥିକ ବର୍ଷରେ ତତ୍କାଳୀନ ଜିଲା ଯୋଗାଣ ଅଧିକାରୀଙ୍କ ଉପରେ ସବୁ ପ୍ରକାର ଧାନ ସଂଗ୍ରହ ପ୍ରକ୍ରିୟା ନ୍ୟସ୍ତ ଥିଲା। ଏଣୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଓଡିଶା ସରକାରୀ କର୍ମଚାରୀ ଧାରା ୧୬କୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଥିଲା। ତତ୍କାଳୀନ ସିଏସ୍‌ଓଙ୍କ ସମେତ ଅନ୍ୟ ୨ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ହୋଇଥିଲା। ପ୍ରାୟ ୩ ବର୍ଷ ହେବ ଏହି ମାମଲା ଗଡ଼ି ଚାଲିଥିବାବେଳେ ନିଗମକୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିବାକୁ ପଡିଛି। ଏସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରବାରୁ ସାବିତ୍ରୀ ମିଲ୍ ମାଲିକଙ୍କଠାରୁ ଟଙ୍କା ଅସୁଲ ପ୍ରକ୍ରିୟା ଜାରି ରହିଛି। ପାଖାପାଖି ୨ କୋଟି ଟଙ୍କା ବାକି ରହିଛି। ଟଙ୍କା ଜମା ନ କଲେ ନିଶ୍ଚିତ ଭାବରେ ସାବିତ୍ରୀ ମିଲ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହୋତା କହିଛନ୍ତି।

## ଭାଜପା ପକ୍ଷରୁ ବ୍ଲକ୍ ଘେରାଉ

ଭଞ୍ଜକିଆ, ୩୦।୧୦(ଡିଏନ୍‌ଏ)

ରାଜ୍ୟ ସରକାରଙ୍କ କୁଶାସନ ଓ ଦୁର୍ନୀତି ବିରୋଧରେ ରରୁଆଁ ବ୍ଲକ୍ ଭାଜପା ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମଙ୍ଗଳବାର ଦଳୀୟ କର୍ମୀଙ୍କ ଦ୍ୱାରା ଏକ ପଦଯାତ୍ରା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ମଧ୍ୟାହ୍ନ ସମୟରେ ସ୍ଥାନୀୟ ବନଦୁର୍ଗା ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ଗ୍ରାମର ବିଭିନ୍ନ ସାହି ପରିକ୍ରମା କରି ବ୍ଲକ୍ ସମ୍ମୁଖରେ ପହଞ୍ଚିଥିଲେ। ରରୁଆଁ ମଣ୍ଡଳ ସଭାପତି ବିଦ୍ୟାଧର ବେହେରାଙ୍କ ସଭାପତିତ୍ୱରେ ଜିଲା କୃଷକ ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର ମୁର୍ମୁ, ଜିଲା ସାଧାରଣ ସମ୍ପାଦକ ବିପିନ୍ ବିହାରୀ ମହାନ୍ତ, ଜୟପାଲସିଂ ନାୟକ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ନାବାଳକଙ୍କ ମୃତଦେହ ଉଦ୍ଧାର

**ଆନନ୍ଦପୁର, ୩୦।୧୦(ସ୍ୱ.ପ୍ର.):** ଘସିପୁରା ଥାନ ବଳରାମପୁର ପଞ୍ଚାୟତ ନୂଆଁପଡ଼ା ଜଗନ୍ନାଥ ମନ୍ଦିର ନିକଟ ଏକ ଗଛରୁ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ନାବାଳକ ଜଣଙ୍କ ହେଲେ କେନ୍ଦୁଝର ପଳାଶପଙ୍ଗା ବଣୁଆ ଗ୍ରାମର ଜଗମୋହନ ମୁଣ୍ଡାଙ୍କ ପୁଅ ପ୍ରଧାନ ମୁଣ୍ଡା। ପାଖାପାଖି ଛଅ ବର୍ଷ ହେବ ପଧାନ ନୂଆପଡା ଗ୍ରାମର ଦିଲ୍ଲିପ୍ ମଲ୍ଲିକ ଘରେ ରହି ସ୍ଥାନୀୟ କୁଶଳେଶ୍ୱର ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ଘସିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଦୁର୍ଘଟଣାରେ ୨ ମୃତ

**ରାଇସୁଆଁ, ୩୦।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଥାନା ବାଙ୍କବାରୁଣୀ ପୋଲ ନିକଟରେ ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ଟ୍ରକ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ସଦର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି।

### ଅଟୋ ଓଲଟି ୩ ଯାତ୍ରୀ ଗୁରୁତର

**ପାଟଣା, ୩୦।୧୦( ସ୍ୱ.ପ୍ର.):** ପାଟଣା ଥାନା ଦାସପଡ଼ା ଗ୍ରାମରୁ ଏକ ଅଟୋ ପାଟଣା ଆସୁଥିବା ବେଳେ ମଙ୍ଗଳବାର ଖଜୁରିଡିହା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅଟୋ ଭାରସାମ୍ୟ ହରାଇ ପାଲଟି ପଡିବାରୁ ସେଥିରେ ବସିଥିବା ୩ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ହୋଇଥିବା ସମସ୍ତ ବ୍ୟକ୍ତି ହେଉଛନ୍ତି ଦାସପଡା ଗ୍ରାମର। ସେମାନେ ହେଲେ ମୋନାଜ ନାଏକ, ପପୁ ନାଏକ ଓ ସୁରେଶ ଚନ୍ଦ୍ର ମୋଦି। ମନୋଜ ନାଏକଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଛାମୁଣ୍ଡା ଏକାଦଶ ଚାମ୍ପିୟନ

**ତେଲକୋଇ, ୩୦।୧୦(ଡି.ଏନ.ଏ.):** ତେଲକୋଇ ପଞ୍ଚାୟତ ମା' ନାଗପାଟ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ ଛାମୁଣ୍ଡା ଏକାଦଶ ଓ ବାଲି ସାହି କତରାପାଲି ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଛାମୁଣ୍ଡା ଏକାଦଶ ବାଲିସାହି ଏକାଦଶକୁ ପରାସ୍ତ କରିଛି। ୧୬ଟି ଦଳ ଅଂଶ ଗ୍ରହଣ କରିଥିଲା। ଉଦ୍‌ଘାଟନୀରେ ସ୍ଥାନୀୟ ବିଡିଓ ଦିଲ୍ଲିପ କୁମାର ବାରା ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଧନୁର୍ଯ୍ୟୟ ସିଦ୍ଧୁ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀରେ ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କୁମାର ପ୍ରଧାନଙ୍କ ସହ ସ୍ଥାନୀୟ ସରପଞ୍ଚ ମାନସ କୁମାର ନାଏକ, ସମିତି ସଭ୍ୟ ମିନାକ୍ଷୀ ସାହୁ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମା' ନାଗପାଟ ସ୍ପୋର୍ଟସ କ୍ଲବର ଦେବାନନ୍ଦ ସାହୁ, ଅରକ୍ଷିତ ପ୍ରଧାନ, ପଦ୍ମଲାଭ ସାହୁ, ଯଜାତୀ କେଶରୀ ସାହୁ, ରାଜେଶ ପ୍ରଧାନ, ସରୋଜ ମହାନ୍ତି, ନିରାକାର ସାହୁ ସହଯୋଗ କରିଥିଲେ। ଶେଷରେ ଚାମ୍ପିୟନ, ରନର୍ସଅପ ଦଳ ସହ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଞ୍ଜୟ ବେହେରା, ହୃଷିକେଶ ମହାନ୍ତ ଓ ଜୟନ୍ତ ବେହେରା ମ୍ୟାଚ ପରିଚାଳନା କରିଥିଲେ ।

### କଡ଼ା ସୁରକ୍ଷାରେ କ୍ୟାମ୍ପ କୋର୍ଟ

**କେନ୍ଦୁଝର, ୩୦।୧୦(ସ୍ୱ.ପ୍ର.):** ଆଇନଜୀବୀଙ୍କ ବିରୋଧ ଯୋଗୁଁ ସୋମବାର କେନ୍ଦୁଝର ଜିଲା କାରାଗାରରେ କ୍ୟାମ୍ପ କୋର୍ଟ ହୋଇ ପାରି ନ ଥିଲା। ମଙ୍ଗଳବାର କଡା ସୁରକ୍ଷା ମଧ୍ୟରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀଙ୍କ ଆନ୍ଦୋଳନ ଚାଲିଥିଲେ ହେଁ ଜଜମାନେ ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜେଲ କାରାଗାରରେ ପହଞ୍ଚି ଜାମିନ ଶୁଣାଣି କରିଥିଲେ। ଜେଲ ଆଗରେ ପୋଲିସ ସୁରକ୍ଷା ବଳ ନିୟୋଜିତ ହୋଇଥିଲା। ଅଭିଯୁକ୍ତମାନଙ୍କ ପରିବାର ସମ୍ପର୍କୀୟଙ୍କୁ ଜେଲ କାରଗାର ଆଗରେ ଦେଖିବାକୁ ମିଳିଥିଲା। ସମୁଦାୟ ୩୪ ଜଣଙ୍କୁ ଜାମିନ ମିଳିଥିବା ଜଣାପଡିଛି। ଜିଲା ଜଜ, ଅତିରକ୍ତ ଜିଲାଜଜ, ଜେଏମଏଫସି, ସିଜେଏମ, ରେଜିଷ୍ଟ୍ରାର ସମେତ ଜଜ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ଜେଲ ନିକଟରେ କୌଣସି ବିରୋଧ ପ୍ରଦର୍ଶନ ହୋଇ ନ ଥିଲା ବୋଲି ଜଣାପଡିଛି।

# କ୍ୟାମ୍ପ୍ କୋର୍ଟକୁ ଆଇନଜୀବୀଙ୍କ ବିରୋଧ

- ଜେଲ ସମ୍ମୁଖରୁ ଫେରିଲେ ବିଚାରପତି
- ପୋଲିସ ଉପସ୍ଥିତିରେ ପୁନଃ କ୍ୟାମ୍ପ କୋର୍ଟ ଜାରି

**ବଡ଼ବିଲ, ୩୦।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସବ୍‌ଜେଲରେ ସୋମବାର ସୁରୁଖୁରୁରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲାବେଳେ ମଙ୍ଗଳବାର କ୍ୟାମ୍ପ କୋର୍ଟକୁ କେତେକ ଆଇନଜୀବୀ ବିରୋଧ କରିଥିଲେ। ଫଳରେ ବିଚାରପତି ଜେଲ ସମ୍ମୁଖରୁ ଫେରି ଯାଇଥିଲେ। ପରେ ପୋଲିସ ସୁରକ୍ଷା ମଧ୍ୟରେ ଜେଲରେ ପୁନଃ କ୍ୟାମ୍ପ କୋର୍ଟ କାର୍ଯ୍ୟ ଜାରି ରହିଥିଲା।

ରାଜ୍ୟବ୍ୟାପୀ ଆଇନଜୀବୀଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। କୋର୍ଟ କାର୍ଯ୍ୟରେ ଅଚଳାବସ୍ଥା ଦେଖାଦେଥିଲା। ପ୍ରତ୍ୟେକ ଜେଲରେ କ୍ୟାମ୍ପ କୋର୍ଟ କରି ଜାମିନ୍ ଉପରେ ବିଚାର କରିବାକୁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସିଭିଲ ଜଜ୍ (ଜୁନିଅର ଡିଭିଜନ) ତଥା ଜେଏମ୍‌ଏଫସି ଆଲୋକ ପଣ୍ଡା ବଡବିଲ ସବ୍‌ଜେଲରେ ପହଞ୍ଚି ଥିଲେ। ପୂର୍ବରୁ ଆଇନଜୀବୀ ଜେଲ ସମ୍ମୁଖରେ ଜଜ୍‌ଙ୍କୁ ଅଟକାଇ କ୍ୟାମ୍ପ କୋର୍ଟ ନିମନ୍ତେ ଭିତରକୁ ଛାଡି ନ ଥିଲେ। ଫଳରେ ଜଜ୍ ପଣ୍ଡା ବାଧ ହୋଇ ନିଜ କାରରେ ଘରକୁ ଫେରି ଆସିଥିଲେ। କ୍ୟାମ୍ପ କୋର୍ଟରେ ୬ ଜଣ କଏଦୀଙ୍କ ଜାମିନ ମଞ୍ଜୁର ହୋଇଛି।


ଆଇନଜୀବୀମାନେ କ୍ୟାମ୍ପ କୋର୍ଟକୁ ବିରୋଧ କରୁଛନ୍ତି।

# ଟ୍ରକ୍ ଓଲଟି ୧୦ ଶ୍ରମିକ ଗୁରୁତର


ଦୁର୍ଘଟଣାରେ ଆହତ ହୋଇଥିବା ଯୁବକମାନେ।

**ଝୁମ୍ପୁରା/ଯୋଡ଼ା/କେନ୍ଦୁଝର, ୩୦।୧୦(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ପଞ୍ଚାୟତ ହାତୀମରା ଛକ ନିକଟରେ ମଙ୍ଗଳବାର ଏକ ଯାତ୍ରାପାର୍ଟିର ୬ ଚକିଆ ଟ୍ରକ୍ ଓଲଟି ୧୦ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ଶ୍ରମିକ ଥିବା ଜଣାପଡ଼ିଛି। ମୟୂରଭଞ୍ଜ ଏବଂ ଝାଡଖଣ୍ଡର ସମସ୍ତ ଶ୍ରମିକ। ଗୁରୁତର ହୋଇଥିବା ଶ୍ରମିକମାନେ ଝୁମ୍ପୁରା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଆହତ ଶ୍ରମିକମାନେ ହେଲେ ରାକେଶ ହେମ୍ବ୍ରମ (୧୮), ବିମଲ ବେହେରା(୧୯), ରାଜକିଶୋର ମଲ୍ଲିକ(୫୫), ମାଞ୍ଜୁରା ସିଙ୍କୁ(୧୬), ଡାବରା ହେମ୍ବ୍ରମ(୧୯), ବଜେନ୍ଦ୍ର ବେହେରା(୧୯), ମରା ସିଂ(୧୮), ସୁବାସ ହେମ୍ବ୍ରମ (୧୬), ଘନଶ୍ୟାମ ହେମ୍ବ୍ରମ(୧୯), କମଳାକାନ୍ତ ବେହେରା(୨୦)।

ଗାଡି ନଂ (ଓଆର୦୯ସି-୧୬୫୫)ରେ ବାଣେଶ୍ୱରୀ ଗଣନାଟ୍ୟର କାଠ ପେଣ୍ଡାଲ ନେବା ଆଣିବା କରାଯାଇଥାଏ। ଡ୍ରାଇଭରର ଅସାବଧାନତାରୁ ଭାରସାମ୍ୟ ହରାଇ ଗାଡି ଓଲଟିଲା ବୋଲି ଆହତ ଶ୍ରମିକମାନେ କହିଛନ୍ତି। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ବାମେବାରୀ ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିଛି। ବାମେବାରୀ ଥାନା ଅଧିକାରୀ ପରେଶ ମହାନ୍ତି ଝୁମ୍ପୁରା ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କୁ ଭେଟିଛନ୍ତି। ଡ୍ରାଇଭରଙ୍କୁ ଧରାଯିବା ସହ କେଶ ରୁଜୁ କରାଯିବ ବୋଲି ଥାନା ଅଧିକାରୀ ପରେଶ କହିଛନ୍ତି।

## ତୃତୀୟ ଦିନରେ ବିପିଏଲ କ୍ରିକେଟ ଟୁର୍ନାମେଣ୍ଟ

# ଏସ୍‌ଜିଏଲ ଇଲେଭେନ, କଳିଙ୍ଗ ସିଜ୍‌ଲର ବିଜୟୀ

**ବଡବିଲ, ୩୦।୧୦(ସ୍ୱ.ପ୍ର.)**

ବଡ଼ବିଲ ଗାନ୍ଧୀ ଷ୍ଟାଡିୟମରେ ରବିବାରଠାରୁ ବିସିସି ଦ୍ୱାରା ଆୟୋଜିତ ବଡ଼ବିଲ ପ୍ରିମିୟର ଲିଗ୍ (ବିପିଏଲ) କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୨ଟି ମ୍ୟାଚ୍ ହୋଇଥିଲା। ଏସଜିଏଲ ଇଲେଭେନ ଏବଂ କଳିଙ୍ଗ ସିଜଲର ବିଜୟୀ ହୋଇଛନ୍ତି। ଏସ୍‌ଜିଏଲ(ଶ୍ରୀ ଗଣେଶ ଲଜିଷ୍ଟିକ) ଓ ଆରଏସିସି (ରୁସାଦ ଅଫଜା କ୍ରିକେଟ କ୍ଲବ) ମଧ୍ୟରେ ଖେଳ ହୋଇଥିଲା। ଆରଏସିସି ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ମାତ୍ର ୧୪ ଓଭରରେ ୯୭ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଟିମ୍‌କୁ ୯୮ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହାର ଜବାବ୍‌ରେ ଏସ୍‌ଜିଏଲ ନିର୍ଦ୍ଧାରିତ ଓଭର ଖେଳିଥିଲେ ହେଁ ୯ ୱିକେଟ ହରାଇ ୯୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍‌ରେ ଆରଏସିସି ଟିମର ଖେଳାଳି ଅବରାର ଅହମ୍ମଦ ସର୍ବାଧିକ ୨୮ ରନ୍, ୨ଟି ଛକ୍କା, ୧ଟି ଚୌକା ମାରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।

ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍ ବଡବିଲ ଟାଇଗର ଓ କଳିଙ୍ଗ ସିଜ୍‌ଲର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି କଳିଙ୍ଗ ସିଜଲର ଫିଲ୍ଡିଂ ନେଇଥିଲା ବେଳେ ବଡବିଲ ଟାଇଗର ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ୱିକେଟ ହରାଇ ୯୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବ୍ ରେ କଳିଙ୍ଗ ସିଜଲର ମାତ୍ର ୧୪ ଓଭର ୨ ବଲରେ ୫ ୱିକେଟ ହରାଇ ୧୦୧ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ଟପି ଯାଇଥିଲା। ଏହି ମ୍ୟାଚରେ ମୁଲକୁ କୁମାର ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

## ଗାଁ ପରିସର ସଫେଇ

**କୋଲିମାଟି, ୩୦।୧୦**

ଆନନ୍ଦପୁର କଇଁସିଆରୀ ଗ୍ରାମର ବିଘ୍ନେଶାୟ ପୂଜା କମିଟି ତରଫରୁ ଗ୍ରାମ ପରିସର ସ୍ୱଚ୍ଛ ରଖିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ବିଘ୍ନେଶାୟ ପୂଜା କମିଟିର ସମ୍ପାଦକ ପ୍ରଦୀପ କୁମାର ନାଥଙ୍କ ନେତୃତ୍ୱରେ ଗାଁ ପରିସରକୁ ସଫା କରାଯାଇଥିଲା। ଏଥିରେ ସଦସ୍ୟ ଆଲୋକ ଜେନା, ରଞ୍ଜନ ସାହୁ, ଶୁଭଙ୍କର ସ୍ୱାଇଁ , ସୌଭାଗ୍ୟ ନାଥ, ମନୋରଞ୍ଜନ ନାଥ, ରଜତ ନାଥ, ମନୋଜ ମହାନ୍ତି, ଦର୍ପନାରାୟଣ ମହାନ୍ତ, ଲମ୍ବୋଦର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ପରିସରକୁ ସଦାସର୍ବଦା ସ୍ୱଚ୍ଛ ରଖିବା ପାଇଁ ପଦକ୍ଷେପ ନିଆଯାଇଥିଲା।

# ଘସିପୁରାରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସହ ସଦସ୍ୟମାନେ।

**ଆନନ୍ଦପୁର, ୩୦।୧୦(ସ୍ୱ.ପ୍ର.)**

ରାଜ୍ୟ ଯୁବ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଘସିପୁରା ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ସାଇଁକୁଳ ପଞ୍ଚାୟତ ପଡ଼ିଆରେ ସୋମବାର 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ଘସିପୁରା ବ୍ଲକ ସଂଯୋଜକ ହିମାଂଶୁ ରଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ପୌରପରିଷଦ ସଂଯୋଜକ ଆଇନଜୀବୀ ଭାଗୀରଥି ଦାଶ ମଞ୍ଚ ପରିଚାଳନା କରିଥିଲେ। ଘସିପୁରା ବ୍ଲକ ବିଡିଓ ଡଃ. ମଧୁସ୍ମିତା ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟ ଅତିଥି, ଜିଲା ବିଜେଡି ସଭାପତି ଆଇନଜୀବୀ ଆଶିଷ ଚକ୍ରବର୍ତ୍ତୀ, ପତିତ ପାବନ ମହାବିଦ୍ୟାଳୟ ସାଇଁକୁଳର ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି, ଜିଲା ୱାସ୍କା ସମ୍ପାଦିକା ଧରିତ୍ରୀ ରାଉତ, ଘସିପୁରା ବ୍ଲକ ମଙ୍ଗଳ ଅଧିକାରୀ ମେନେକା ମାରାଣ୍ଡୀ ପ୍ରମୁଖ ଯୋଗ ଦେଇଥିଲେ।

ସାଇଁକୁଳ ଫାଣ୍ଡି ପରିସରରୁ ମୁଁ ହିରୋ ରଥକୁ ଆଦିବାସୀ ନୃତ୍ୟର ତାଳେତାଳେ ସଭାସ୍ଥଳକୁ ଅଣାଯାଇଥିଲା। ଅତିଥିମାନେ ଘସିପୁରା ଗ୍ରାମର ତୋଫାନ ସାହୁ, ସତ୍ୟନାରାୟଣ ସାହୁ, ସୌମ୍ୟରଞ୍ଜନ ନାୟକ, ସୁଜିତ ମୁଦୁଲି, ସରୋଜ ସାହୁ, ଶାଳପଡା ବିଣାପାଣି କଳାନିକେତନର କଳାକାର ଏବଂ ବିଭିନ୍ନ ପଞ୍ଚାୟତର ବିଜୁ ଯୁବ ବାହିନୀର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଘସିପୁରା ବ୍ଲକର ୨୫ଗୋଟି ବିଜୁ ଯୁବ ବାହିନୀର ସଦସ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାମଚନ୍ଦ୍ରପୁର ଥାନା ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ପ୍ରେମାନନ୍ଦ ସେନାପତି, ଜନାର୍ଦ୍ଦନ ଗିରି ପ୍ରମୁଖ ଉପସ୍ଥିତ ରହିଥିଲେ।

# 'ଯୁବପିଢ଼ି ଚାହିଁଲେ ହସିବ ଗାଁ'

**ଢେଙ୍କିକୋଟ, ୩୦।୧୦(ଡି.ଏନ.ଏ.)**

ଘଟଗାଁ ବ୍ଲକ ୨୭ଟି ପଞ୍ଚାୟତର ବିଜୁ ଯୁବବାହିନୀ ସଦସ୍ୟଙ୍କୁ ନେଇ ପଣ୍ଡାପଡ଼ାଠାରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀବଦ୍ରି ନାରାୟଣ ପାତ୍ର, ମୁଖ୍ୟବକ୍ତା କେନ୍ଦୁଝର ଏମ୍‌ପି ଶକୁନ୍ତଳା ସିଂ ଲାଗୁରୀ, ଘଟଗାଁ ବ୍ଲକ ଅଧ୍ୟକ୍ଷା ଦ୍ରୌପଦୀ ଦଣ୍ଡପାଟ, ସମାଜସେବୀ ସୌମ୍ୟଶଙ୍କର ଚକ୍ର, ବରିଷ୍ଠ ଆଇନ୍‌ଜୀବୀ ଆଶିଷ ଚକ୍ରବର୍ତ୍ତୀ, ୭ନଂ ଜୋନ୍ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ନାଏକ, ଘଟଗାଁ ବ୍ଲକ ପଞ୍ଚାୟତ ଅଫିସର ଚିତ୍ତରଞ୍ଜନ ନାୟକ ସଭା ପରିଚାଳନା କରିଥିଲେ। ଅତିରିକ୍ତ ବିଡ଼ିଓ ବିଚିତ୍ର କରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା।

ଯୁବପିଢ଼ି ଚାହିଁଲେ ହସିବ ଓଡ଼ିଶା, ସୁନାର ଓଡ଼ିଶା ଆକ୍ଳେଶରେ ନିର୍ମାଣ ହୋଇପାରିବ, ଗାଁରେ ହସ ଫୁଟିବ ବୋଲି ଅତିଥିମାନେ କହିଥିଲେ। ବିଜୁ ଯୁବବାହିନୀର ୧୦ ସଦସ୍ୟଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ପଣ୍ଡାପଡ଼ାର ସଞ୍ଜୟ ସାହୁ ପଣ୍ଡାପଡ଼ାର ରବୀନ୍ଦ୍ର ମୁଣ୍ଡା ପଇଦା ପାଟଣାର ସରୋଜ ଗିରି, ଢେଙ୍କିକୋଟ ଟିକିରାର ସତ୍ୟବ୍ରତ ବେହେରା, ତରା ଗ୍ରାମର ମନରଞ୍ଜନ ପଣ୍ଡା, ଜ୍ୟୋତିର୍ମୟୀ ସେଠୀ, ଆଲୋକ ଦେହୁରି, ସାବିତ୍ରୀ ମୁଣ୍ଡା, ଜନାର୍ଦ୍ଦନ ଗିରି, କ୍ଷୀରୋଦ ମହାନ୍ତ, ପ୍ରିୟରଞ୍ଜନ ନାୟକ, ଭାରତୀ ମୁଣ୍ଡା, ରଞ୍ଜିତ ପଲେଇ ପ୍ରମୁଖଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ଆଠ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟା ସୁମିତ୍ରା ମହାନ୍ତ, ସମାଜସେବୀ ସଞ୍ଜୟ ମିଶ୍ର, ଅଜିତ କୁମାର ପାଢ଼ୀ, ଦୋଳଗୋବିନ୍ଦ ବେହେରା, ଦିଲ୍ଲୀପ କୁମାର ମିଶ୍ର, ବିକ୍ରମ କେଶରୀ ଜେନା, ପବିତ୍ର ପରିଡ଼ା ଏବଂ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିବା ଦେଖିବାକୁ ମିଳିଛି।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ପାଟଣାରେ ବୁଲିଲା ଖାଦ୍ୟ ସୁରକ୍ଷା ସଚେତନତା ରଥ

**ପାଟଣା, ୩୦।୧୦(ସ୍ୱ.ପ୍ର.)**

ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଖାଦ୍ୟ ସୁରକ୍ଷା ରଥର ମଙ୍ଗଳବାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାଏକ ଶୁଭାରମ୍ଭ କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ୱସ୍କା ଓ ଅଲିଭା ମହାସଙ୍ଘ କେନ୍ଦୁଝର ସହାୟତାରେ ରଥ ବ୍ଲକର ୨୦ଟି ପଞ୍ଚାୟତ ପରିକ୍ରମା କରିବ। ଲୋକଙ୍କୁ ଓଡ଼ିଶା ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ବାର୍ତ୍ତା ପହଞ୍ଚାଇବାର ଲକ୍ଷ ରଖାଯାଇଛି। ୱସ୍କାର ବ୍ଲକ ସଂଯୋଜକ ମିତ୍ରଭାନୁ ମହାନ୍ତଙ୍କ ସଂଯୋଜନାରେ ଏସିଓ ସାନ୍ତ୍ୱନା ଦାସ, ଜିପିଓ ରଶ୍ମୀ ରେଖା ମହାନ୍ତି, ଖାଦ୍ୟ ଯୋଗାଣ ଅଧିକାରୀ ବିଦ୍ୟୁଲତା ନାଏକ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ସମିତି ସଭ୍ୟା ଧରିତ୍ରୀ ମହାନ୍ତ ଓ ୱସ୍କାର ବାଂଶପାଳ ବ୍ଲକ ସଂଯୋଜକ ସୁମିତ୍ରା ପିଲା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁଙ୍କ ମୁହଁରେ ହସ ଫୁଟାଇଲା ଉର୍ବି

**କେନ୍ଦୁଝର, ୩୦।୧୦(ସ୍ୱ.ପ୍ର.)**

ନିଜର ଦୈନନ୍ଦିନ ବ୍ୟସ୍ତ ପାରିବାରିକ ଜଞ୍ଜାଳରୁ ସମୟ ବାହାର କରି ବିଭିନ୍ନ ସାମାଜିକ କାମରେ ହାତ ବଢାଇଛନ୍ତି ସ୍ଥାନୀୟ ମାଇନିଂ ରୋଡର ନିଉକଲୋନିସ୍ଥିତ ଉର୍ବୀ ଲେଡିଜ କ୍ଲବ ସଦସ୍ୟାମାନେ। ବାଂଶପାଳ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ମୁଳକ ଡୋରି ଗ୍ରାମରେ ଶିଶୁଙ୍କ ବିକାଶ ଲାଗି ପ୍ରୟାସ କରିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଛନ୍ତି। ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ସେମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତାର ଆୟୋଜନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

କ୍ଲବର ସଦସ୍ୟାମାନେ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ତାହାର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ର, ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା କରିଥିଲେ। ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅଜିତ୍ କୁମାର ଦେହୁରି ଓ ସିଂପୁର ସରପଞ୍ଚ କନକ ଦେହୁରି ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନୁରୂପ ଭାବେ ଶୁଆକାଟୀସ୍ଥିତ ଜାଗ୍ରତ ବୃଦ୍ଧାଶ୍ରମରେ ବୃଦ୍ଧାବୃଦ୍ଧଙ୍କୁ କ୍ଲବ ସଦସ୍ୟାମାନେ ବିସ୍କୁଟ ମିଠା ଆଦି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଚାରୁଲତା ପାଣିଗ୍ରାହୀଙ୍କ ସହ ଛନ୍ଦା ପଟ୍ଟନାୟକ, ଶିପ୍ରା ଦାସ, ସଂଯୁକ୍ତା ନାଥ, ଶୁଶୀଳା ମିଶ୍ର, ସୁକନ୍ୟା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।


ଡୋରି ଗ୍ରାମରେ ଉର୍ବି କ୍ଲବର ସଦସ୍ୟାଗଣ।

# କାର୍ଯ୍ୟାଳୟ ଘେରାଉ, ବିକ୍ଷୋଭ

- ଦୁର୍ନୀତି, ଭ୍ରଷ୍ଟାଚାରକୁ ବିରୋଧ
- ଭାଜପା କର୍ମୀଙ୍କ ଶୋଭାଯାତ୍ରା

**କେନ୍ଦୁଝର, ୩୦।୧୦(ସ୍ୱ.ପ୍ର.)**

ପିସି ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରତି ପୋଷଣକୁ ବିରୋଧ କରି ସଦର ଭାଜପା ପକ୍ଷରୁ ସଦର ବ୍ଲକ ଘେରାଉ କରାଯାଇଥିଲା। ସ୍ଥାନୀୟ କାଳୀପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ଶତାଧିକ ଭାଜପା କର୍ମୀ ଓ ନେତା ବ୍ୟାନର ଧରି ସହର ପରିକ୍ରମା କରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବ୍ଲକ କାର୍ଯ୍ୟାଳୟକୁ ମଧ ଯାଇଥିଲେ। ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ସରକାରଙ୍କ ବିଭିନ୍ନ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ନେତାମାନେ ମତବ୍ୟକ୍ତ କରିଥିଲେ। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମୋହନ ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷା କିରଣବାଳା ନାୟକ, ବରିଷ୍ଠ ନେତା ଅମରବର ଖଟୁଆ, ଦିଲିପ ପଣ୍ଡା, ପ୍ରକାଶ ସୂତ୍ରଧର, ଜଲାଲୁଦ୍ଦିନ ଆକବର, ସରୋଜ ସାହୁ ସମେତ ବହୁ କର୍ମୀ, ନେତାମାନେ ସାମିଲ ଥିଲେ।

**ଚମ୍ପୁଆ, (ଡି.ଏନ.ଏ.)**

ଭାରତୀୟ ଜନତା ପାର୍ଟି ପକ୍ଷରୁ ଚମ୍ପୁଆ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ଦଳ ବିକ୍ଷୋଭ କରିଥିଲା। ଏଥିରେ ଚମ୍ପୁଆ ବ୍ଲକର ୨୨ ଗୋଟି ପଞ୍ଚାୟତର ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ। ଚମ୍ପୁଆ ନିକଲସନ ବନବିଦ୍ୟାଳୟଠାରୁ ରାଲି ହୋଇଥିଲା। ବିଭିନ୍ନ ସ୍ଲୋଗାନ ଦେଇ ଚମ୍ପୁଆ ବ୍ଲକରେ ରାଲି ପହଞ୍ଚି ଥିଲା। କର୍ଯ୍ୟକ୍ରମରେ ବରିଷ୍ଠ ନେତା ମୁରଲି ମୋହନର ଶର୍ମା, ଦିଲ୍ଲୀପ ମିଶ୍ର, ଜିଲା ସଭାପତି ରାଧାକାନ୍ତ ମହାନ୍ତ, ମିତ୍ରଭାନୁ ମହାକୁଡ଼, ଶ୍ରୀମନ୍ତ ତ୍ରିପାଠୀ, ସୁକେଶୀ ଓରାମ, ଗୁରୁବାରୀ ହେମ୍ବ୍ରମ, ମାଇନରିଟି ସଭାପତି ମହତାବ ଆଲାମ, ସମବାରୀ ମୁଣ୍ଡା, ରମେଶ ପ୍ରଧାନ, ସନୋଷ ସାହୁ, ଶିଦ୍ଧାର୍ଥ ସଂ ପ୍ରମୁଖ ଭାଜପା ନେତୃମଣ୍ଡଳୀ ଯୋଗ ଦେଇଥିଲେ।

**ରାଇସୁଆଁ, (ଡି.ଏନ.ଏ.)**

ଭାଜପା ପକ୍ଷରୁ ମଙ୍ଗଳବାର କେନ୍ଦୁଝର ଜିଲା ସଦର ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଭାଜପା କର୍ମୀ ଏବଂ ନେତାମାନେ ଏକତ୍ରିତ ହୋଇ ପଦଯାତ୍ରା କରିଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ସଦର ବ୍ଲକକୁ ଘେରାଉ କରିଥିଲେ। ଏଥିରେ ଭାଜପାର ପୂର୍ବତନ ବିଧାୟକ ମୋହନ ଚରଣ ମାଝିଙ୍କ ସହ ବହୁ ନେତା ସାମିଲ ହୋଇଥିଲେ।

**ପାଟଣା, (ସ୍ୱ.ପ୍ର.)**

ରାଜ୍ୟରେ ଚାଲିଥିବା ବିଜେଡି ସରକାର ଶାସନକୁ ବିରୋଧ କରି ମଙ୍ଗଳବାର ପାଟଣା ବ୍ଲକ ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା ହୋଇଥିଲା। ଭାଜପାର ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ମୁଖ୍ୟାଳୟସ୍ଥିତ ଆନ୍ଦେଶ୍ୱର ଶିବ ମନ୍ଦିରରୁ ସରକାର ବିରୋଧୀ ସ୍ଲୋଗାନ ଦେଇ ବାଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ବିଶାଳ ସମାବେଶ ହୋଇଥିଲା।

ବିକ୍ଷୋଭ ସମାବେଶରେ ପାଟଣା ମଣ୍ଡଳ ସଭାପତି ପ୍ରହଲ୍ଲାଦ ପଲେଇଙ୍କର ଅଧ୍ୟକ୍ଷତାରେ ପୂର୍ବତନ ଲୋକସଭା ଏମ୍‌ପି ତଥା ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାଏକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ବରିଷ୍ଠ ନେତା କମଳା କାନ୍ତ ଦାଶ, ଦୁର୍ଗା ଚରଣ ନାଏକ, ଯୁବ ନେତା ଗୌତମ ନାଏକ, ସତ୍ୟବ୍ରତ ନାଏକ, ଭବାନୀ ଶଙ୍କର ନାଏକ, ମହିଳା ନେତ୍ରୀ ଦସମତି ଚାତାର, ଡଲି ପାତ୍ର, ସୋମବାରୀ ମୁଣ୍ଡା, ମହେଶ୍ୱର ପୃଷ୍ଟି ଓ ସବୀର ଦାଶ ପ୍ରମୁଖ ବିଜେପି ନେତା କର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।





ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

